# Odisha Legislative Assembly

(ଦଶମ ଅଧିବେଶନ )

# ୩୦ ଜୁଲାଇ ୨୦୨୨

----

[ଅବକାରୀ - ମହିଳା ଓ ଶିଶୁ ବିକାଶ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଆଇନ - ପର୍ଯ୍ୟଟନ ମିଶନ ଶକ୍ତି ].

**ମୋଟ ପ୍ରଶ୍ନର ସଂଖ୍ୟା - 104**

----

### ଶହୀଦ ସ୍ମାରକୀ ଭବନ ହିସାବରେ ମାନ୍ୟତା

3101 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ବଲାଙ୍ଗିର ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ତଥା ଆଠଗାଁ ଜମିଦାର ସ୍ୱର୍ଗତ ଶହୀଦ ଭରମ ସିଂ ମାନଧାତାଙ୍କୁ ସମ୍ମାନ ଜଣାଇ ଚିର ସ୍ମରଣୀୟ କରିବା ପାଇଁ ତାଙ୍କ ଜନ୍ମସ୍ଥାନ ଆଠଗାଁରେ ଥିବା ତାଙ୍କର ବାସସ୍ଥାନକୁ ଶହୀଦ ସ୍ମାରକୀ ଭବନ ହିସାବରେ ମାନ୍ୟତା ଦେଇ ତା'ର ନିର୍ମାଣ ପାଇଁ ସରକାର ଅନୁଦାନ ଯୋଗାଇ ଦେବାକୁ ବଲାଙ୍ଗିର ଜିଲ୍ଲାବାସୀଙ୍କ ତରଫରୁ ବିଧାୟକ ହିସାବରେ ମୁଁ ଦେଉଥିବା ଏହି ପ୍ରସ୍ତାବ ସରକାର ଗ୍ରହଣ କରିବେ କି?

----

### Stipend ବୃଦ୍ଧି କରିବାକୁ ପଦକ୍ଷେପ

3347 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ବର୍ତ୍ତମାନ ସ୍ଥିତିରେ ଦରଦାମ ହୁ ହୁ ହୋଇ ବଢୁଥିବା ସ୍ଥଳେ ଅହିବାସୀ ଓ ହରିଜନ ଛାତ୍ର ଛାତ୍ରୀ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ସ୍ଥଳେ ସେମାନଙ୍କୁ ମିଳୁଥିବା Stipend ର ହାରକୁ ବୃଦ୍ଧି କରାଇବାକୁ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବେ କି, ଉତ୍ତର ହଁ ହେଲେ ସେମାନଙ୍କୁ P.G. ପର୍ଯ୍ୟନ୍ତ କେଉଁ ବର୍ଦ୍ଧିତ ହାରରେ ଯୋଗାଇ ଦେବେ ତଥ୍ୟ ପ୍ରଦାନ କରିବେ କି ?

----

## Scholarship ପ୍ରଦାନ

3383 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ସାରା ଓଡିଶାରେ ପ୍ରାୟ ୬୫,000 ଛାତ୍ରଛାତ୍ରୀ Post Matric Scholarship ନ ପାଇବାର କାରଣ କ'ଣ, ସେଥିମଧ୍ୟରୁ ST/SC Post Matric Scholarship ପାଇନଥିବା ୫0% ଛାତ୍ରଛାତ୍ରୀ ମୟୂରଭଞ୍ଜ ଜିଲ୍ଲାର ଅଟନ୍ତି, ତେଣୁ ଶିକ୍ଷାବର୍ଷ (2021-22) ର ଟଙ୍କା ଏପର୍ଯ୍ୟନ୍ତ ନ ପାଇବାର କାରଣ ଜଣାଇବେ କି ଏବଂ କେବେସୁଦ୍ଧା ମିଳିବ ତାହା ଅବଗତ କରାଇବେ କି ?

----

## ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ରୋକିବା

3670 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ୩ ବର୍ଷରେ ଗଞ୍ଜେଇ ଓ ବ୍ରାଉନ ସୁଗାର କେଉଁ କେଉଁ ଜିଲ୍ଲାରେ କେତେ ମୂଲ୍ୟର (seize) ସିଜ୍ କରାଗଲା, ଜଣାଇବେ କି; ଏହାକୁ ରୋକିବା ପାଇଁ କି କି ବ୍ୟବସ୍ଥା କରାଯାଉଛି ?

----

## ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ କଲ୍ୟାଣ ପାଇଁ ଯୋଜନା

3671 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ କି କି କଲ୍ୟାଣକାରୀ ଯୋଜନା ସହିତ ଓ କି କି ସୁବିଧା ଦିଆଯାଉଛି, ଜିଲ୍ଲାୱାରୀ ତାଲିକା ଦେବେ କି; ଏଦିଗରେ କେତେ ଅର୍ଥ ବିଗତ ୫ ବର୍ଷରେ କେଉଁ କେଉଁ କ୍ଷେତ୍ରରେ ଖର୍ଚ୍ଚ କରାଯାଇଛି ଜିଲ୍ଲାୱାରୀ ତାଲିକା ଦେବେ କି ?

----

## ପର୍ଯ୍ୟଟନ ଶିଳ୍ପର ବିକାଶ

3672 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱ ପ୍ରସିଦ୍ଧ ଭିତରକନିକା, ପେଣ୍ଠ ବେଳାଭୂମି ହୁକିଟୋଲା, ବଡୀଘର ଆଦି ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ପର୍ଯ୍ୟଟନ ବିଭବ ଭରପୁର ହୋଇ ରହିଛି ଏହା ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟକରୁଛି, ଏହି ସବୁ କ୍ଷେତ୍ରମାନଙ୍କରେ ସ୍ଥାନ ଚିହ୍ନଟ କରି ସେଠାରେ Eco Cottage, resort ଆଦି ନିର୍ମାଣ କରିବା ପାଇଁ ଶିଳ୍ପ ସଂସ୍ଥା ମାନଙ୍କୁ ଆକୃଷ୍ଟ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବେ କି; ଉତ୍ତର ହଁ ହୋଇଥିଲେ ଏ ଦିଗରେ ସରକାର କଣ ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

----

## ପର୍ଯ୍ୟଟନସ୍ଥଳୀ ଗୁଡିକର ରୂପାନ୍ତରଣ

3673 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ କେଉଁ କେଉଁ ଧାର୍ମୀକ ଓ ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳୀଗୁଡିକର ରୁପାନ୍ତରଣ ହୋଇପାରିଛି ଓ ସେଗୁଡିକ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମା ଛୁଆଳିଆ ଶକ୍ତି ପିଠ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଏହାର ବିକାଶ ପାଇଁ ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ଚଳିତ ବର୍ଷ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଅର୍ଥ ମଞ୍ଜୁର କରିବେ କି ?

----

## ଟ୍ରାଇବାଲ ଆଡଭାଇଜରି କାଉନସିଲ ଗଠନ

3674 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାର ରାଜ୍ୟରେ ଆଦିବାସୀ ମାନଙ୍କର ବିକାଶ ପାଇଁ (ଟି.ଏ.ସି) ଟ୍ରାଇବାଲ ଆଡଭାଇଜରି କାଉନସିଲ ଗଠନ ନ କରିବାର କାରଣ କଣ, (ଖ) କେଉଁ ସମୟ ସିମା ମଧ୍ୟରେ ରାଜ୍ୟ ସରକାର ଟି.ଏ.ସି. ଟ୍ରାଇବାଲ ଆଡଭାଇଜରି କାଉନସିଲ ଗଠନ କରିବେ ?

----

## ଦେଶୀ ଓ ବିଦେଶୀ ମଦ ଦୋକାନ ନିଲାମରୁ ରାଜସ୍ୱ ଆୟ

3675 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାର ୨୦୧୦-୧୧ ପର୍ଯ୍ୟନ୍ତ ପ୍ରତିବର୍ଷ ଦେଶୀ ମଦ ଭାଟି ବିଦେଶୀ ମଦ ଦୋକାନରୁ କେତେ ଟଙ୍କା ନିଲାମିରୁ ରାଜସ୍ୱ ପାଉଛନ୍ତି, ଏହାର ଦେଶୀ ମଦ ଭାଟିର ନାମ ବିଦେଶୀ ମଦ ଦୋକାନର ନାମ ସହ ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ରାଜ୍ୟ ସରକାରଙ୍କ ଦେଶି ମଦଭାଟି ଓ ବିଦେଶୀ ମଦ ଦୋକାନ ନିଲାମ କରିବାର ନିତୀ ନିୟମ କଣ ?

----

## ଡମଡମଣୀ ପୀଠର ଉନ୍ନତି

3676 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଟାଙ୍ଗୀ ବ୍ଲକର ଡମଡମଣୀ ପୀଠର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଲଉଡି ବାଡି ଖେଳକୁ ମର୍ଯ୍ୟଦା

3677 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଲଉଡି ବାଡି ଖେଳକୁ ସମରକଳାର ମର୍ଯ୍ୟଦା ଦେଇ ଏହାର ବିକାଶ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ, ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବିଦେଶ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା

3678 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ କ'ଣ, ବିଦେଶୀ ପର୍ଯ୍ୟଟକମାନେ ରାଜ୍ୟର କେଉଁ କେଉଁ ପର୍ଯ୍ୟଟନ ସ୍ଥଳୀକୁ ଦେଖିବା ପାଇଁ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି, ଉକ୍ତ ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମିର ବିକାଶକୁ ସରକାର ପ୍ରାଥମିକତା ଦେବା ଉଚିତ, (ଖ) ପୁରୀ ସମୁଦ୍ର କୂଳରେ ଗାଧୋଇଲାବେଳେ କିଛି ପର୍ଯ୍ୟଟକ ସମୁଦ୍ରରେ ବୁଡି ଯାଇ ମୃତ୍ୟୁ ବରଣ କରୁଛନ୍ତି, Life Guard ଥିଲେ ମଧ୍ୟ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ସମ୍ଭବ ହେଉ ନାହିଁ, ପର୍ଯ୍ୟଟକଙ୍କ ଜୀବନ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇ ପାରିବ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ?

----

## ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର

3679 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜଧାନୀର ପ୍ରତିଷ୍ଠାତା ନବ ଉତ୍କଳର ପ୍ରତିଷ୍ଠାତା ସ୍ୱର୍ଗତଃ ଡକ୍ଟର ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ବିଜେବି ନଗରରେ ଏକ PARK ମଧ୍ୟରେ ପ୍ରତିଷ୍ଠା କରାଯାଇଥିବାରୁ ବିଶେଷ ଲୋକ ଲୋଚନକୁ ଆସୁନଥିବା ହେତୁ ଉକ୍ତ ପ୍ରତି ମୂର୍ତ୍ତିକୁ ମାଷ୍ଟର କ୍ୟାଣ୍ଟିନୀ ଛକସ୍ଥ ଯଜାତି ହୋଟେଲ ସାମ୍ନାରେ ପୁନଃ (ସ୍ଥାନାନ୍ତରିତ କରାଯାଇ) ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ କି, ଯଦି ନାହିଁ କାରଣ କଣ , (ଖ) ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ରାଜ୍ୟସଭା ସଦସ୍ୟ ବ୍ୟାଙ୍କ ଜାତୀୟ କରଣ, ମୁଖ୍ୟଉଦ୍ୟକ୍ତା ସ୍ୱର୍ଗତଃ ବାଙ୍କ ବିହାରୀ ଦାସଙ୍କର ରାଜଧାନୀରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାରଙ୍କୁ ମନ୍ତ୍ରୀ, ବିଧାୟକ କେତେ ଥର ପ୍ରସ୍ତାବ ଦେଇଛନ୍ତି ଓ ଏଥିପାଇଁ କେବେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଯିବ ?

----

## ନୂତନ ପର୍ଯ୍ୟଟନସ୍ଥଳୀ ମାନ୍ୟତା

3680 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀର ଜୟଦେବ ପିଠ, ଚଉଷଠୀ ଯୋଗିନୀ ପିଠ, ଶିଶୁ ଅନନ୍ତ ପିଠକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବେ କି, କେବେଠାରୁ ଏହା କାର୍ଯ୍ୟକାରୀ କରିବେ ତାହା କହିବେ କି ?

----

## ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୩୦% ସଂରକ୍ଷଣ

3681 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁସୂଚୀତ ଜନଜାତିର ଆବାସିକ ବିଦ୍ୟାଳୟ କେତେ ଅଛି, ସେଥିରେ ୩୦% ଅନୁସୂଚୀତ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବେ କି ?

----

## ଯୋଜନାୱାରୀ ବିବରଣୀ ପ୍ରଦାନ

3682 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଣ କଣ ଯୋଜନା ରହିଛି, ଗତ 5 ବର୍ଷ ମଧ୍ୟରେ ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କେତେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ବର୍ଷୱାରୀ ଓ ଯୋଜନାୱାରୀ ବିବରଣୀ ପ୍ରଦାନ କରିବେକି?

----

## ନିର୍ଦ୍ଦେଶନାମାର ସବିଶେଷ ବିବରଣୀ ପ୍ରଦାନ

3683 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ବିଦ୍ୟାଳୟ, ଦେବାଳୟ, ଚିକିତ୍ସାଳୟ, ହଷ୍ଟେଲ ଆଦି ଜନସାଧାରଣ ସ୍ଥାନର କେତେ ଦୂରତା ମଧ୍ୟରେ ମଦ ଦୋକାନ ରହିନପାରିବାର ନିୟମ ରହିଛି, ଏହି ନିୟମ, ନୀତି ଏବଂ ନିର୍ଦ୍ଦେଶନାମାର ସବିଶେଷ ବିବରଣୀ ପ୍ରଦାନ କରିବେକି, ଉମରକୋଟ ନିର୍ବାଚନମଣ୍ଡଳୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି କି?

----

## ପର୍ଯ୍ୟଟକମାନଙ୍କୁ ସୁଲଭ ମୂଲ୍ୟରେ ପରିଦର୍ଶନ ବ୍ୟବସ୍ଥା

3684 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- କଳାହାଣ୍ଡି ଜିଲ୍ଲାକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ସୁଲଭ ମୂଲ୍ୟରେ ପରିଦର୍ଶନ ବ୍ୟବସ୍ଥା ନିମନ୍ତେ ଘରୋଇ ଗାଡି, ଅଟୋ ରିକ୍ସାମାନଙ୍କ ସହିତ ସମନ୍ୱୟ ସହ ସେମାନଙ୍କ ସ୍ୱଳ୍ପ ଖର୍ଚ୍ଚରେ ରହଣି ପାଇଁ ହୋଟେଲଗୁଡିକ ସହିତ ସମନ୍ୱୟ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଉନ୍ନତମାନର ସଂସ୍କୃତି ପାଠାଗାର ଓ ପ୍ରେକ୍ଷାଳୟ ପ୍ରତିଷ୍ଠା

3685 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସହିତ ସମସ୍ତ ଉପଖଣ୍ଡ ସଦର ମହକୁମାରେ ଉନ୍ନତମାନର ସଂସ୍କୃତି ପାଠାଗାର ଓ ସଂସ୍କୃତି ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଚଣ୍ଡିଖୋଲଠାରେ ଏକ ଦୌରା ଜର୍ଜ କୋର୍ଟ ଖୋଲିବା

3686 **ଶ୍ରୀ ଅମର ପ୍ରସାଦ ସତପଥୀ (ବଡ଼ଚଣା)ः**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ କେତେଗୋଟି ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଅଛି ; (ଖ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଏଥିରେ ଅର୍ନ୍ତଭୁକ୍ତ କି; ଉତ୍ତର ହଁ ହେଲେ ଏହି କୋର୍ଟ କେବେ କାର୍ଯ୍ୟକ୍ଷମ ହେବ ?

----

## ନୂତନ ପର୍ଯ୍ୟଟନସ୍ଥଳୀ ମାନ୍ୟତା

3687 **ଶ୍ରୀ ଅମର ପ୍ରସାଦ ସତପଥୀ (ବଡ଼ଚଣା)ः**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ରାଜ୍ୟରେ କେତେଗୋଟି ପର୍ଯ୍ୟଟନସ୍ଥଳୀ ଅଛି ଓ କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ସରକାର ପ୍ରସ୍ତାବ ଅଛି; (ଖ) ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ମାଣ୍ଡକା ପଞ୍ଚାୟତର "ନାୟକାଣୀ" ପୀଠକୁ ପର୍ଯ୍ୟଟନ ସ୍ଥଳୀଭାବେ ଘୋଷଣା କରି ଏହାର ବିକାଶ କରିବାପାଇଁ ସରକାର ପଦକ୍ଷେପ ନେବେ କି ?

----

## ରାଜ୍ୟରେ ଖୋଲିଥିବା ମଦଦୋକାନ

3688 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନୂତନ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ଜନସାଧାରଣ, ବୁଦ୍ଧିଜୀବି ଓ ସମାଜସେବୀ କ୍ରମାଗତଭାବେ ବିରୋଧ କରି ଆସୁଥିବା ବେଳେ ସରକାର ସେଥିପ୍ରତି ଗୁରୁତ୍ୱ ନ ଦେବାର କାରଣ କଣ; 2019 ମସିହାରେ ନୂତନ ସରକାର ଗଠନ ପରଠାରୁ ରାଜ୍ୟରେ କେତେ ଠିପିବନ୍ଦ ଓ ଠିପି ଖୋଲା ମଦ ଦୋକାନ ଖୋଲିଲାଣି ; ସବୁ ଗୁଡ଼ିକର ବିବରଣୀ ଦେବେ କି; କେଉଁ କେଉଁ ସ୍ଥାନରୁ ଆସିଥିବା ପ୍ରସ୍ତାବକୁ ସରକାର ଅଗ୍ରାହ୍ୟ କରିଛନ୍ତି, ତାହାର ତଥ୍ୟ ଦେବେ କି ; ଆଗାମୀ ଦିନରେ ନୂତନ ମଦ ଦୋକାନମାନ ଖୋଲାଚାଲିଥିବ କି ?

----

## Stipend ହାରକୁ ବୃଦ୍ଧି ପାଇଁ ପଦକ୍ଷେପ

3689 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାମାନଙ୍କ ପଢ଼ିବା ପାଇଁ ଯେଉଁ ଛାତ୍ର ବୃତ୍ତି( Stipend ) ଦିଆଯାଉଛି, ତାହା ସାଂପ୍ରତିକ ବଜାର ପରିସ୍ଥିତିକୁ ଦେଖିଲେ ଯଥେଷ୍ଟ କି ;ବିଶେଷ କରି Post Matric Stipend ଯେତିକି ମିଳୁଛି ସେଥିରେ ଜଣେ ଛାତ୍ର ପଢ଼ିବା ସମ୍ଭବ କି; ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଚଳିତ Stipend ହାରକୁ ବୃଦ୍ଧି କରିବେ କି; (ଖ) ରାଜ୍ୟର ଛାତ୍ରବୃତ୍ତି ପରିମାଣ ଅନ୍ୟ ରାଜ୍ୟ ଗୁଡ଼ିକ ତୁଳନାରେ କମ କି ?

----

## ଜାତିଗତ ପ୍ରମାଣପତ୍ର ପ୍ରଦାନ

3690 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବସବାସ କରୁଥିବା ଭୂମିହୀନ ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରଛାତ୍ରୀମାନଙ୍କୁ Caste Certificate ଦେବା ପାଇଁ କଣ ବିଧି ବ୍ୟବସ୍ଥା ଅଛି; ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଧିନତା ପୂର୍ବରୁ ଏବଂ ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ମୁଣ୍ଡପୋତା କେଳା ସମ୍ପ୍ରଦାୟ, ଅନ୍ୟ ଆଦିମ ସମ୍ପ୍ରଦାୟର ଭୂମିହୀନ ପରିବାର ଅଛନ୍ତି; ସେମାନଙ୍କୁ Survey କରି "ଘରବାରୀ" ପଟ୍ଟା ଯୋଗାଇ ଥଇଥାନ କରିବେ କି ?

----

## ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କ ପାଇଁ ପୁରସ୍କାର

3691 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କ ପାଇଁ କି କି ପ୍ରକାର ପୁରସ୍କାର ସରକାର ପ୍ରଦାନ କରିଥାନ୍ତି ଓ ସେସବୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି କିପରି ଚୟନ ହୋଇଥାନ୍ତି କହିବେ କି ?

----

## ବେଆଇନ ଦେଶୀ ମଦର ମାତ୍ରାଧିକ ବ୍ୟବହାର

3692 **ଶ୍ରୀ ବିଷ୍ଣୁ ଚରଣ ସେଠି (ଧାମନଗର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଡ୍ରଗ୍ସ ସମେତ ବେଆଇନ ଦେଶୀ ମଦର ପ୍ରାବଲ୍ୟ ଭଦ୍ରକ ଜିଲ୍ଲାରେ ମାତ୍ରାଧିକ, ଦୀର୍ଘଦିନରୁ ବିଭିନ୍ନ ରାଜନୀତିକ ଦଳ, ଗଣ ସଙ୍ଗଠନ ପ୍ରଭୃତି ସରକାରଙ୍କ ନିକଟରେ ଅଭିଯୋଗ କରୁଥିଲେ ବି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ସରକାର ନେଉ ନାହାନ୍ତି କାହିଁକି ?

----

## ମହିଳା କମିଶନକୁ ଆସିଥିବା ମାମଲା

3693 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ମହିଳା କମିଶନକୁ ଗତ ୪ ବର୍ଷ ମଧ୍ୟରେ କେତୋଟି ମାମଲା ଆସିଛି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ, ଏଥିରୁ ମୋଟ କେତୋଟି ମାମଲା ଫଏସଲା ହୋଇଛି ତାର ତଥ୍ୟ ପ୍ରଦାନ କରିବେ; (ଖ) ରାଜ୍ୟ ଶିଶୁସୁରକ୍ଷା ଆୟୋଗରେ ଅଧ୍ୟକ୍ଷପଦବୀ ସହିତ କେତୋଟି ସଦସ୍ୟ ପଦବୀ ରହିଛି, ଏହିସବୁ ପଦବୀରେ କେଉଁମାନେ ନିୟମିତ କାର୍ଯ୍ୟ କରୁଛନ୍ତି, ଗତ ୫ ବର୍ଷ ମଧ୍ୟରେ କେତୋଟି ଅଭିଯୋଗ ଆସିଛି ଏବଂ କେତୋଟି ନିଜ ଆଡୁ ମାମଲା ଗ୍ରହଣ କରିଛନ୍ତି କେତୋଟି ଫଏସଲା ହୋଇଛି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ ?

----

## ଜଙ୍ଗଲରେ ବସବାସ କରୁଥିବା ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

3694 **ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଜଙ୍ଗଲ ନିୟମ ଅନୁସାରେ ୨୦୨୨ ମାର୍ଚ୍ଚ ଶେଷସୁଦ୍ଧା କେତେ ସଂଖ୍ୟକ ଅନୁସୂଚିତ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ଓ ଉକ୍ତ ଜମିକୁ ଚିହ୍ନଟ କରି ଅନୁସୂଚିତ ଜନଜାତିଙ୍କୁ ଥଇଥାନ କରାଯାଇଅଛି, କେନ୍ଦୁଝର ଜିଲ୍ଲାର କେତେ ସଂଖ୍ୟକ ଅନୁସୂଚିତ ଜନଜାତିଙ୍କ ଆବେଦନ ବିଚାରାଧିନ ଅବସ୍ଥାରେ ଅଛି ତାହା ବ୍ଲକୱାରି (କେନ୍ଦୁଝର ଜିଲ୍ଲାର) ଜଣାଇବେ କି; (ଖ) ଖଣି ବହୁଳ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ଅଞ୍ଚଳ ଖଣି ଲିଜ ଏରିଆ ହୋଇଥିବାରୁ ସେଠାରେ ବସବାସ କରୁଥିବା ଅନୁସୂଚିତ ଜନଜାତିଙ୍କୁ କିପରି ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯିବ ଜଣାଇବେ କି ?

----

## ସମ୍ବଲପୁରୀ ଓ କୋଶଲୀ ଭାଷାକୁ ଦ୍ୱିତୀୟ ଭାଷା ମାନ୍ୟତା

3695 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନ୍ତର୍ଗତ ଜିଲ୍ଲା ମାନଙ୍କରେ ଶହଶହ ବର୍ଷ ଧରି ବହୁଳ ଭାବରେ କଥିତ ସମ୍ବଲପୁରୀ/କୋଶଳୀ ଭାଷାର ସାହିତ୍ୟ, ସଂସ୍କୃତି ଓ ଇତିହାସର ପ୍ରଚାର, ପ୍ରସାର, ଗବେଷଣା ଓ ବିକାଶ ନିମନ୍ତେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ଓ ଏଥିପାଇଁ ରାଜ୍ୟ ବଜେଟରେ କେଉଁ ବର୍ଷ କେତେ ପାଣ୍ଠିର ବ୍ୟୟ ଅଟକଳ କରି କେତେ ପାଣ୍ଠି କେଉଁ ଉଦ୍ଦେଶ୍ୟରେ ବ୍ୟୟ କରିଛନ୍ତି ବର୍ଷୱାରୀ ତଥ୍ୟ ଦେବେ କି, (ଖ) ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ନିମନ୍ତେ ସମ୍ବଲପୁରୀ /କୋଶଳୀ ଭାଷାକୁ ରାଜ୍ୟରେ ଦ୍ୱିତୀୟ ଭାଷା (Second language) ର ମାନ୍ୟତା ଦେବା ପାଇଁ ପଦକ୍ଷେପ ନେବେ କି, ଯଦି ଉତ୍ତର "ନା" ହୁଏ ତେବେ ତା'ର କାରଣ ଓ ସରକାରଙ୍କ ମତାମତ ସହ ସ୍ପଷ୍ଟୀକରଣ ଜନସାଧାରଣଙ୍କ ଅବଗତି ନିମନ୍ତେ ଗୃହରେ ଉପସ୍ଥାପନ କରିବେ କି ?

----

## ଟ୍ୟୁସନ୍ ଫି ଛାଡ

3696 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ୨୦୧୩-୧୪ ରୁ ୨୦୨୧-୨୨ ବର୍ଷରେ ଟ୍ୟୁସନ୍ ଫି ଛାଡ ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରିଥିଲେ ସେମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବୈଷୟିକ ଶିକ୍ଷା ଓ ଉଚ୍ଚଶିକ୍ଷା ଅଧ୍ୟୟନ କରିଥିବା ଛାତ୍ର ଓ ଛାତ୍ରୀଙ୍କ ସଂଖ୍ୟା କେଉଁ ଜିଲ୍ଲାର କେତେ ଥିଲେ ତାହା ପ୍ରକାଶ କରିବେ କି, (ଖ) ହାଇସ୍କୁଲ୍ ସ୍ତରରୁ କଲେଜ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ୩ ଜଣ ପ୍ରତି ହାରାହାରି କେତେ ଅର୍ଥ ଟ୍ୟୁସନ୍ ଫି ବାବଦରେ ଛାଡ କରାଯାଇଛି ଏବଂ ଏହି ହାର କେଉଁ କେଉଁ ଭିତ୍ତି ଓ ପଦ୍ଧତିରେ ନିର୍ଦ୍ଧାରଣ କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନିଜସ୍ୱ ଯନ୍ତ୍ରୀ ନିଯୁକ୍ତି ସମ୍ପର୍କରେ

3697 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଦିବାସୀ ଉନ୍ନୟନ ବିଭାଗରେ କେଉଁ ଶ୍ରେଣୀର କେତେଜଣ ନିଜସ୍ୱ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟରତ ଅଛନ୍ତି, ବିଭାଗର ନିଜସ୍ୱ ଯନ୍ତ୍ରୀ କ୍ୟାଡର ନଥିବା ସ୍ଥଳେ ସେମାନଙ୍କୁ କେଉଁ ସରକାରୀ ନିୟମରେ କେଉଁ ଅଧିକାରୀଙ୍କ ଦ୍ୱାରା କେଉଁ ବର୍ଷ ଚାକିରୀ ପ୍ରଦାନ କରାଯାଇଥିଲା, ଚାକିରୀ ସର୍ତ୍ତାବଳୀ କ'ଣ ଥିଲା, ସେମାନଙ୍କୁ ଚାକିରୀ କାଳ ମଧ୍ୟରେ କେଉଁ କେଉଁ ପଦବୀକୁ ପଦୋନ୍ନତି ଦିଆଯାଇଛି , ଚାକିରୀ କାଳ ମଧ୍ୟରେ ସେମାନଙ୍କ ନାମରେ ଦୁର୍ନୀତି, ଆୟ ବହିର୍ଭୁତ ସମ୍ପତ୍ତି ଆଦି ମାମଲା ହୋଇଛି କି ଓ ସେଥିପାଇଁ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଅଛି ତାହାର ଏକ ବିବରଣୀ ଉପସ୍ଥାପନ କରିବେ କି ?

----

## ନିର୍ଦ୍ଦେଶାନାମାର ତଥ୍ୟ ପ୍ରଦାନ

3698 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ଆଇଟିଡିଏ ମାନଙ୍କରେ କାର୍ଯ୍ୟରତ ଥିବା ପ୍ରୋଜେକ୍ଟ ମ୍ୟାନେଜର, ସବଜେକ୍ଟ ମ୍ୟାଟର ସ୍ପେସିଆଲିଷ୍ଟ ଓ ଟେକ୍ନିକାଲ କନ୍‌ସଲଟାଣ୍ଟ ମାନଙ୍କୁ ପିଡବ୍ଲ୍ୟୁଡି ନିୟମ ଆଧାରିତ ମାପ ବହି ବ୍ୟବହାର କରିବାକୁ ଦିଆଯାଇ ପାରିବ କି ,ସର୍ଭିସ୍ ପ୍ରୋଭାଇଡର ମାନଙ୍କ ମାଧ୍ୟମରେ ବିଭିନ୍ନ ଆଇଟିଡିଏ ମାନଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନେ ,ସରକାରୀ କର୍ମଚାରୀ ମାନଙ୍କପରି ପୂର୍ଣ୍ଣ କ୍ଷମତା ଓ ଦାୟିତ୍ୱ ଉପଭୋଗ କରିପାରିବେ କି, ଏହି ଶ୍ରେଣୀର କର୍ମଚାରୀ ମାନଙ୍କ ମାଧ୍ୟମରେ ସରକାରୀ ଅର୍ଥ କାରବାର ଯଥା ଅର୍ଥ ଖର୍ଚ୍ଚ ପାଇଁ ବିଲ୍ ପ୍ରସ୍ତୁତି, ସାମଗ୍ରୀ କ୍ରୟ, ସରକାରୀ ସାମଗ୍ରୀ ଗ୍ରହଣ ଓ ବଣ୍ଟନ ଆଦି କାର୍ଯ୍ୟ ପୂର୍ଣ୍ଣ ଆଇନ୍ ସମ୍ମତ ଅନୁଯାୟୀ କରାଯାଉଅଛି କି, ଯଦି ହଁ, ସଂପୃକ୍ତ ନିୟମାବଳୀ ଓ ନିର୍ଦ୍ଦେଶନାମା ଗୁଡିକର ତଥ୍ୟ ପ୍ରଦାନ କରିବେ କି ?

----

## ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅର୍ଥ ଖର୍ଚ୍ଚ

3699 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁନ୍ଦରଗଡ ଜିଲ୍ଲାରେ ଥିବା ପର୍ଯ୍ୟଟନସ୍ଥଳିମାନଙ୍କର ବିବରଣୀ ସହିତ ବିଗତ ଦିନରେ ଏହାର ବିକାଶ ନିମନ୍ତେ କେତେ ଟଙ୍କା ଖର୍ଚ୍ଚ କରାଯାଇଅଛି, ଆଗାମି ଦିନରେ ଏହାର ସାମଗ୍ରିକ ବିକାଶ ନିମନ୍ତେ କି କି ଯୋଜନାମାନ କରାଯାଇଅଛି ?

----

## ନଦୀ ତଟ ପର୍ଯ୍ୟଟନସ୍ଥଳୀର ଉନ୍ନୟନ

3700 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବ୍ରାହ୍ମଣ ନଦୀତଟର କେଉଁ କେଉଁ ପର୍ଯ୍ୟଟନସ୍ଥଳୀ ଉନ୍ନୟନ କରାଯାଇଛି ଓ କେଉଁଗୁଡିକୁ ସାମିଲ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି, ଏହାର ବିକାଶ ସାଧନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଅବକାରୀ ରାଜସ୍ୱ ବୃଦ୍ଧି

3703 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ଅବକାରୀ ରାଜସ୍ୱ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବାରେ କେତେ ଦୂର ସହାୟକ ହେଉଛି, ଅନ୍ୟପକ୍ଷରେ ଅବକାରୀ କାରବାର ଓ ରାଜସ୍ୱ ବୃଦ୍ଧି ଯୋଗୁଁ ଜନସାଧାରଣଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କି ପ୍ରଭାବ ପଡୁଛି, ସଡ଼କ ଦୁର୍ଘଟଣା ହାର ବୃଦ୍ଧି ସହିତ ରାଜସ୍ୱ ବୃଦ୍ଧିର କିପରି ଓ କି ପ୍ରକାରର ସଂପର୍କ ରହିଛି, ରାଜ୍ୟ ଅର୍ଥନୀତିକୁ କିପରି ପ୍ରଭାବିତ କରୁଛି ସେ ବିଷୟରେ ସରକାର କିଛି ଆକଳନ କରିଛନ୍ତି କି, ଉତ୍ତର ଯଦି ହଁ, ତେବେ ସେ ଆକଳନ ସଂପର୍କରେ ବିବରଣୀ ଦେବେ କି, ଉତ୍ତର ଯଦି ନା, ତେବେ ରାଜ୍ୟବାସୀ ତଥା ଓଡ଼ିଶାର ଆର୍ଥିକ ବିକାଶର ସୁଦୂରପ୍ରସାରୀ ପ୍ରଭାବ ଦୃଷ୍ଟିରୁ ଅର୍ଥ, ସ୍ୱାସ୍ଥ୍ୟସେବା, ପରିବହନ, ପର୍ଯ୍ୟଟନ, ଅବକାରୀ ଆଦି ବିଭାଗ ମିଳିତ ଭାବେ ଅନୁଧ୍ୟାନ କରିବେ କି ?

----

## ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ OBC ପାଇଁ Reservation ରଖିବା

3704 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ବିଦ୍ୟାଳୟ / ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ପଛୁଆ ବର୍ଗ (OBC) ର ଛାତ୍ର ଛାତ୍ରୀଙ୍କ ନାମ ଲେଖାଇବା ପାଇଁ ରାଜ୍ୟ ସରକାର କେତେ ଶତାଂଶ Reservation ରଖି କେବେ ସୁଦ୍ଧା Reservation Policy ଲାଗୁ କରିବେ ତା'ର ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ଦେବେ କି ?

----

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +2 Arts ଖୋଲିବା ବ୍ୟବସ୍ଥା

3706 **ଶ୍ରୀ ପ୍ରକାଶ ଚନ୍ଦ୍ର ମାଝି (ଝରିଗାଁ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ କେତେଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +2 SC ପଢିବାର ବ୍ୟବସ୍ଥା ରହିଛି ; ନବରଙ୍ଗପୁର ଜିଲ୍ଲାରେ କେଉଁ କେଉଁ ବିଦ୍ୟାଳୟରେ ବର୍ତ୍ତମାନ +2 Sc ଖୋଲାଯାଇଛି ଏହାର ଏକ ବିବରଣୀ ପ୍ରଦାନ କରିବେ କି ଏବଂ ଉକ୍ତ ବିଦ୍ୟାଳୟ ଗୁଡିକରେ Arts ଖୋଲିବାର ସରକାରଙ୍କ ଯୋଜନା ରହିଛି କି?

----

## ମହିଳାଙ୍କୁ ସ୍ୱାବଲମ୍ବି କରିବାକୁ ପଦକ୍ଷେପ

3707 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ମହିଳାମାନଙ୍କୁ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ଓ ସ୍ୱାବଲମ୍ବି କରିବା ପାଇଁ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ରାଶି ସରକାର ଦେଉଥିଲେ ମଧ୍ୟ ତାହା ତଳସ୍ତରରେ ପହଞ୍ଚୁଛି କି ନାହିଁ ତାକୁ ଅନୁଧ୍ୟାନ କରିବା ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି?

----

## ଆର୍ଶୀବାଦ ଯୋଜନା

3708 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆର୍ଶୀବାଦ ଯୋଜନାରେ ବାପା-ମାଙ୍କୁ ହରାଇଥିବା କେତେଜଣ ଅନାଥ ଶିଶୁ ଏଥିରେ ସାମିଲ ହୋଇଛନ୍ତି ଓ ସରକାର ସେମାନଙ୍କୁ ଦେଉଥିବା ପ୍ରୋତ୍ସାହନ ରାଶୀ ସମ୍ପର୍କରେ ସୂଚନା ଦେବେ କି ; ଏହି ଯୋଜନାରେ ପିଲାକୁ କେତେ ବର୍ଷ ହେଲା ପର୍ଯ୍ୟନ୍ତ ସାହାଯ୍ୟ/ସହଯୋଗ ପାଇ ପାରିବେ?

----

## ଚୋରା ନିଶାକାରବାର ରୋକିବାକୁ ପଦକ୍ଷେପ

3709 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୋରା ନିଶା କାରବାରକୁ ରୋକିବା ପାଇଁ ସରକାର ଗ୍ରହଣ କରିଥିବା/କରୁଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ଚୋରା ନିଶାକାରବାର ଚାଲିବା ଦ୍ୱାରା ଯୁବ ସମାଜ ବିଶେଷ କରି ଛାତ୍ରମାନେ ନିଶାସେବନ କରି କୁପଥଗାମୀ ହେଉଥିବା ସତ୍ୟ କି ; ଏହି ନିଶାପାନ ଯୋଗୁଁ ସମାଜରେ ସାମାଜିକ ହିଂସା ବଢୁଛି ; ଚୋରା ନିଶାକାରବାର ରୋକିବା ସହିତ ଯୁବ-ଛାତ୍ରମାନଙ୍କୁ ନିଶା ପାନରୁ ଦୂରେଇ ରହିବା ପାଇଁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି?

----

## ଡୁଡୁମା ଜଳ ପ୍ରପାତ ବିକାଶ ନିମନ୍ତେ ଅର୍ଥ ବ୍ୟୟ

3710 **ଶ୍ରୀ ରଘୁରାମ ପଡ଼ାଲ (କୋରାପୁଟ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କୋରାପୁଟ ଜିଲ୍ଲାର ଡୁଡୁମା ଜଳ ପ୍ରପାତ ବିକାଶ ନିମନ୍ତେ ସରକାର ବିଗତ 5 ବର୍ଷ ମଧ୍ୟରେ କେତେ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି ; ଏଥି ମଧ୍ୟରୁ କେତେ ଟଙ୍କା କେଉଁ କେଉଁ କାର୍ଯ୍ୟ ପାଇଁ ଖର୍ଚ୍ଚ କରାଯାଇଛି ; ଏହାର ବିବରଣୀ ପ୍ରଦାନ କରିବେ କି ଏବଂ (ଖ) ବଳକା ଥିବା ଅର୍ଥକୁ ଖର୍ଚ୍ଚ ନକରି ପଡି ରହିବାର କାରଣ କଣ ; ଏହା କେବେ ସୁଦ୍ଧା ଖର୍ଚ୍ଚ କରାଯିବ କହିବେ କି?

----

## ମିଶନ ଶକ୍ତିର Specific Scheme

3711 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ମିଶନ ଶକ୍ତି ସମବାୟ ଢାଞ୍ଚାରେ ଚଳାଉଥିବା ପରିପ୍ରେକ୍ଷୀରେ ଏହାର ମାର୍କେଟିଂ ଜନିତ ତାଲିମ ପାଇଁ ଓ ଫଣ୍ଡିଂ ପାଇଁ Specific Scheme ଅଛି କି ; ଯଦି ଅଛି ସେ ସମସ୍ତ ବିଷୟରେ ପୂର୍ଣ୍ଣାଙ୍ଗ ଚିତ୍ର ପ୍ରଦାନ କରିବେ କି ; (ଖ) ମାର୍କେଟିଂ ତାଲିମ ଓ ଫଣ୍ଡିଂ ପାଇଁ ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି କି ; ଯଦି ଖୋଲାଯାଇଛି ସେଥିରେ ନିର୍ଦ୍ଦିଷ୍ଟ ଭାବରେ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇଛି ଓ କେଉଁ ବିଭାଗର କେଉଁ କେଉଁ ପଦବୀରେ କେତେ କେଉଁ କେଉଁ କ୍ଷେତ୍ରରେ ବୈଷୟିକ/ଉଚ୍ଚ ସ୍ତରୀୟ କି କି ଅଭିଜ୍ଞତା ସମ୍ପର୍ଣ୍ଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ସେ ସମ୍ପର୍କିତ ତଥ୍ୟ ଦେବା ସହ ଗଜପତି ଜିଲ୍ଲା ଅଧିନସ୍ଥ ଦୁଇ ନିର୍ବାଚନ ମଣ୍ଡଳୀରେ ନେଇଥିବା ଏବଂ ନେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ତଥ୍ୟ ପ୍ରଦାନ କରିବେ କି?

----

## ଶିଶୁମାନଙ୍କୁ ବୀମାଭୁକ୍ତ କରିବାକୁ ପଦକ୍ଷେପ

3712 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅଙ୍ଗନୱାଡିର ସମସ୍ତ ଶିଶୁମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟ ବୀମାଭୁକ୍ତ କରିବାକୁ ସରକାରଙ୍କର ପ୍ରସ୍ତାବ ଥିଲେ ଏହା କିପରି ସଠିକ୍ ରୂପେ କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ କି କି ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବା ସହ ସମସ୍ତ ଜିଲ୍ଲାର ଜନ୍ମିତ ଶିଶୁମାନଙ୍କୁ କିପରି ଉପରୋକ୍ତ ଯୋଜନାରେ ବୀମାଭୁକ୍ତ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବେ କି?

----

## ସଂସ୍କୃତି ପାଠାଗାର ପ୍ରତିଷ୍ଠା

3713 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୋହନା ନିର୍ବାଚନ ମଣ୍ଡଳୀରେ ଆଦିବାସୀ ମାନଙ୍କର ଶିକ୍ଷାର ଉନ୍ନତି ପାଇଁ ଏକ ଉନ୍ନତ ମାନର ସଂସ୍କୃତି ପାଠାଗାର ପ୍ରତିଷ୍ଠା ନିମନ୍ତେ ମାନ୍ୟବର ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବେ କି ; ଉତ୍ତର ହଁ ହେଲେ ଏହା କାର୍ଯ୍ୟକାରୀ ପାଇଁ କେବେ ଠାରୁ ବ୍ୟୟ ଅଟକଳ କରାଇ କାର୍ଯ୍ୟକାରୀ କରାଇ ଲୋକାଭିମୁଖୀ ବ୍ୟବହାର ଜନିତ ଉତ୍ସର୍ଗକୃତ କରିବେ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

## ସାମାଜିକ ମାନଦଣ୍ଡ ଉନ୍ନତି ପାଇଁ ପଦକ୍ଷେପ

3714 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅଙ୍ଗନୱାଡି କର୍ମୀମାନଙ୍କୁ ICDS Supervisor ପଦବୀରେ ମନୋନୟନ ପାଇଁ କେତେ ଶତାଂଶ ସଂରକ୍ଷଣ କରାଯାଇଛି, ଏତତ ସହ ଉକ୍ତ ପଦବୀରେ ସେମାନଙ୍କୁ ନିୟମିତ ମନୋନୟନ ପାଇଁ ସରକାର କି କି ସ୍ୱତନ୍ତ୍ର ପଦକ୍ଷେପ ମାନଗ୍ରହଣ କରୁଛନ୍ତି ସେ ସଂପର୍କିତ ପୂର୍ଣ୍ଣତଥ୍ୟ ମାନ୍ୟବର ଗୃହରେ ପ୍ରଦାନ କରିବା ସହ ଗଙ୍ଗାବାଡ ଓ କେରାଣ୍ଡି G.P. ମାନଙ୍କରେ ରାଜ୍ୟ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ପାଇଁ Mission Shakti ବିଭାଗର ସୃଷ୍ଟି ହୋଇଥିବା ସମୟରେ ସେମାନଙ୍କର Livelihood Protection ପାଇଁ କି କି ସରକାରୀ ପଦକ୍ଷେପମାନ ନିଆଯାଇ ସେମାନଙ୍କର Economic and Social ମାନଦଣ୍ଡ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ କି?

----

**ଓଡିଶୀ ନୃତ୍ୟକୁ Classical Dance ର ମାନ୍ୟତା**

3715 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଓଡିଶୀ ନୃତ୍ୟକୁ Classical Dance ର ମାନ୍ୟତା କ୍ଷେତ୍ରରେ କି ବ୍ୟବସ୍ଥା କରାଯାଉଅଛି, (ଖ) ରାଜ୍ୟରେ ସମ୍ବଲପୁରୀ ନୃତ୍ୟ, ଘୁମୁରା, ଆଦିବାସୀ ନୃତ୍ୟ, ଛଉର ପ୍ରସାର ଓ ବିକାଶ ପାଇଁ କି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ଜଣାଇବେକି?

----

**BAR ର Agreement**

3716 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱରରେ ଭଡା ଘରେ ଚାଲୁଥିବା BAR ଘର ମାଲିକଙ୍କର ସହିତ ଘରର Agreement Renewal ନ ହୋଇଥିବାସ୍ଥଳେ ବିଭାଗ ଅଧିକାରୀ ତାଙ୍କ license ଦେଇପାରିବେ କି, ଉପରୋକ୍ତ କେତୋଟି case ରେ ଘରମାଲିକଙ୍କ ସହିତ BAR ର Agreement ଶେଷ ହୋଇଅଛି ଅନୁଧ୍ୟାନ କରି BAR ର ନାମ ସହିତ ଜଣାଇବେକି, କେତୋଟି ଭଡାଘରେ BAR ଚାଲୁଅଛି?

----

**Cultural Troops ପଠେଇବାକୁ ଆବେଦନ**

3717 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- EZCC କୁ ରାଜ୍ୟର ଯେ କୌଣସି ଅନୁଷ୍ଠାନ Cultural Troops ପଠେଇବାକୁ ସିଧାସଳଖ ଆବେଦନ କରିପାରିବେ କି, ବିଭାଗର ସ୍ୱୀକୃତିବିନା,ଆମ ରାଜ୍ୟର କଳାକାରମାନଙ୍କୁ ବିଭିନ୍ନ ରାଜ୍ୟକୁ ଓ ଅନ୍ୟରାଜ୍ୟର କଳାକାରମାନଙ୍କୁ ଆମ ରାଜ୍ୟରେ କଳା ପ୍ରଦର୍ଶନ କରିବା ପାଇଁ ଗତ ବର୍ଷ କି କି ସୁଯୋଗ ଦେଇଛନ୍ତି ଜଣାଇବେକି?

----

## ପୁରସ୍କାର ଆକାରରେ Price Money ର ବ୍ୟବସ୍ଥା

3718 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) High School, +2 Higher Secondary School, +3 and above ପୁଅଝିଅମାନଙ୍କ ଭିତରେ ବିଭାଗ ତରଫରୁ ପ୍ରତ୍ୟେକ ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ Quiz Competition ମାଧ୍ୟମରେ ରାଜ୍ୟର ପର୍ଯ୍ୟଟନର ବିକାଶ କରିବା ସହିତ ପୁରସ୍କାର ଆକାରରେ ବିଭିନ୍ନ ସ୍ତରରେ Price Money ର ବ୍ୟବସ୍ଥା କରିବେ କି, (ଖ) ଅତିତରେ ବିଭାଗ ତରଫରୁ ଏଭଳି ବ୍ୟବସ୍ଥା କରାଯାଇଥିବା ସତ୍ୟକି?

----

## ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସଂପର୍କରେ

3719 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଶିଶୁମାନଙ୍କର ବିକାଶ ପାଇଁ କି କି ସୁବିଧା ଯୋଗାଇ ଦିଆଯାଉଛି ଜଣାଇବେକି କି ଓ ମହିଳାମାନଙ୍କ ବିକାଶ ଓ ସୁରକ୍ଷା ପାଇଁ କଣ ସବୁ ପଦକ୍ଷେପ ନିଆଯାଉଛି?

----

## ମହିଳା କର୍ମଜିବୀ ହଷ୍ଟେଲ ନିର୍ମାଣ ପାଇଁ ଯୋଜନା

3720 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଶିକ୍ଷା କ୍ଷେତ୍ରରେ /ରାଜନୀତି କ୍ଷେତ୍ରରେ/ ଚାକିରୀ କ୍ଷେତ୍ରରେ ମହିଳାଙ୍କ ପାଇଁ ସଂରକ୍ଷଣ ଓ ସ୍ୱାବଲମ୍ବି କରିବା ଫଳରେ ରାଜ୍ୟରେ ଶିକ୍ଷିତ ମହିଳାଙ୍କ ସଂଖ୍ୟା ବଢିବା ସହ କର୍ମଜିବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ଦୃଷ୍ଟିରୁ ମହିଳାମାନଙ୍କ ସୁବିଧା ପାଇଁ 30.06.2022 ସୁଦ୍ଧା କେଉଁ ଜିଲ୍ଲାର କେତେ ସ୍ଥାନରେ କେତେ ପାଣ୍ଠି ରାଜ୍ୟ ବଜେଟ ଓ ଅନ୍ୟାନ୍ୟ ସୂତ୍ରରୁ ବିନିଯୋଗ କରି କେତୋଟି ମହିଳା କର୍ମଜିବୀ ହଷ୍ଟେଲ ନିର୍ମିତ ହୋଇ କାର୍ଯ୍ୟକ୍ଷମ ଅଛି ଓ କେତୋଟି ନିର୍ମାଣଧିନ ଅଛି, 2022- 2023/ 2023 -2024 ରେ ରାଜ୍ୟର କେଉଁ କେଉଁ ସ୍ଥାନରେ ମହିଳା କର୍ମଜୀବୀ ହଷ୍ଟେଲ କେତେ ପାଣ୍ଠି ବ୍ୟୟ ଅଟ୍ଟକଳ କରି ନିର୍ମାଣ ପାଇଁ ସରକାରଙ୍କର ଯୋଜନା ଅଛି, (ଖ) ବଲାଙ୍ଗୀର ଜିଲ୍ଲାରେ କ୍ରମବର୍ଦ୍ଧିଷ୍ଣୁ ମହିଳା କର୍ମଜୀବୀଙ୍କ ବ୍ୟବହାର ପାଇଁ ବଲାଙ୍ଗିର ସଦର ମହକୁମାଠାରେ ଏକ ମହିଳା କର୍ମଜୀବୀ ହଷ୍ଟେଲ ନିର୍ମାଣ କରିବା ପ୍ରସ୍ତାବକୁ ସରକାର ପଦକ୍ଷେପ ନେବେକି?

----

## ମହିଳାମାନଙ୍କୁ ଡିଜିଟାଲ ଶିକ୍ଷା ନିମନ୍ତେ ପ୍ରୋତ୍ସାହନ

3721 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ପରିବାରର ଆଦିବାସୀ, ଅନୁସୂଚିତ ଜାତି, ପଛୁଆ ବର୍ଗ, ସଂଖ୍ୟାଲଘୁ ତଥା ସାମାଜିକ ଓ ଅର୍ଥନୈତିକଭାବେ ଦୁର୍ବଳସ୍ତରର ମହିଳାମାନଙ୍କୁ ବିଭିନ୍ନ ଡିଜିଟାଲ, ଆର୍ଥିକ କୌଶଳ ଯଥା ଅନଲାଇନ ଜନସେବା, ବ୍ୟାଙ୍କିଙ୍ଗ ସେବା ଏବଂ ସୋସିଆଲ ମିଡିଆ ଆଦିର ବ୍ୟବହାରରେ ଦକ୍ଷ କରି ସଶକ୍ତିକରଣ କରିବା ନିମନ୍ତେ ସରକାର ଡିଜିଟାଲ ଏବଂ ଆର୍ଥିକ ସ୍ୱାକ୍ଷରତାକୁ ପ୍ରାଥମିକତା ଦେଇ ରାଜ୍ୟର ମହିଳାମାନଙ୍କୁ ଡିଜିଟାଲ ଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ପ୍ରସ୍ତାବକୁ ଗ୍ରହଣ କରିବେକି, (ଖ) ଯଦି ଉତ୍ତର ହଁ ହୁଏ ତେବେ କେବେସୁଦ୍ଧା ରାଜ୍ୟର ମହିଳାମାନଙ୍କୁ ଡିଜିଟାଲ ଶିକ୍ଷା ଦେବା ପାଇଁ ପଦକ୍ଷେପ ଗ୍ରହଣ କରିବେ ସ୍ପଷ୍ଟୀକରଣ ଦେବେକି?

----

## Eco-Retreat କାର୍ଯ୍ୟକ୍ଷମ

3722 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପର୍ଯ୍ୟଟନର ବିକାଶ ପାଇଁ କେତେ ପାଣ୍ଠି ବିନିଯୋଗ କରି ସରକାର ରାଜ୍ୟର କେଉଁ କେଉଁ ସ୍ଥାନରେ Eco-Retreat କାର୍ଯ୍ୟକ୍ଷମ କରାଇଛନ୍ତି ଓ କେତୋଟି ନିର୍ମାଣଧିନ ଅଛି, 2019- 2020 ରୁ 30.06.2022 ପର୍ଯ୍ୟନ୍ତ ଏହି Eco-Retreatକୁ କେତେଜଣ ଓଡିଶାର ପର୍ଯ୍ୟଟକ, କେତେଜଣ ଅନ୍ୟ ରାଜ୍ୟର ପର୍ଯ୍ୟଟକ ଓ କେତେଜଣ ବିଦେଶୀ ପର୍ଯ୍ୟଟକ ଭ୍ରମଣ କରିବାକୁ ଆସିଛନ୍ତି, ଏହି Eco-Retreatରେ ହୋଇଥିବା Investment/Income/Profit or loss ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ Employment ସୃଷ୍ଟି ହୋଇଥିବା ସଂଖ୍ୟା ସମ୍ବନ୍ଧରେ ସବିଶେଷ ସୂଚନା ଦେବେକି, (ଖ) ରାଜ୍ୟରେ ଥିବା Eco-Retreatମାନଙ୍କରେ ଧାର୍ଯ୍ୟ କରାଯାଇଥିବା ଦର(Rate) ର ତାଲିକା ଉପସ୍ଥାପନ କରିବେକି, ଓ ଏହି ଧାର୍ଯ୍ୟ ଦରରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ପର୍ଯ୍ୟଟକ Eco-Retreatରେ ପରିଭ୍ରମଣ କରିବା ପାଇଁ ସମ୍ଭବ କି?

----

## Nutrition ସମସ୍ୟାରୁ ଉଦ୍ଧାର ପାଇଁ ବଜେଟ ବ୍ୟୟ ଅଟକଳ

3723 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଆଦିବାସୀ, ତଫସିଲଭୁକ୍ତ ଉପଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ମାତୃ ଓ ଶିଶୁମାନଙ୍କୁ ଅପପୃଷ୍ଟି ଜନିତ ସମସ୍ୟାରୁ ଉଦ୍ଧାର କରିବା ପାଇଁ 2010 ମସିହାରୁ 30.6.2022 ପର୍ଯ୍ୟନ୍ତ ବିଭାଗର Nutrition ବଜେଟରେ କେତେ ପାଣ୍ଠି ବ୍ୟୟ ଅଟକଳ କରି କେତେ ପାଣ୍ଠି ଖର୍ଚ୍ଚ କରାଯାଇଛି ବର୍ଷୱାରୀ ତଥ୍ୟ ଦେବେ କି, (ଖ) 2010 ମସିହାରୁ 30.6.2022 ସୁଦ୍ଧା ଆଦିବାସୀ, ତଫସିଲଭୁକ୍ତ ଉପଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଓ ରକ୍ତହୀନତାର ବର୍ଷୱାରୀ ତଥ୍ୟ ଦେଇ ଜାତୀୟ ହାର ସହ ଏକ ତୁଳନାତ୍ମକ ବିବରଣୀ ଉ୍ପସ୍ଥାପନ କରିବେ କି ?

----

## ପଛୁଆ ବର୍ଗର ଜାତି ତାଲିକା ପ୍ରଦାନ

3724 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ସ୍ଥାପନ କରାଯାଇଥିବା ପଛୁଆବର୍ଗ କମିଶନ ବର୍ତ୍ତମାନ ସୁଦ୍ଧା ଚିହ୍ନଟ କରିସାରିଥିବା ପଛୁଆ ବର୍ଗର ଜାତି ତାଲିକା ଉପସ୍ଥାପନ କରିବେ କି, (ଖ) ପଶ୍ଚିମ ଓଡ଼ିଶାର " ହଳଦିଆ ତେଲି " ଓ ଗନ୍ଧମାଲି (ଥନାପତି) ସମ୍ପ୍ରଦାୟର ଜନସାଧାରଣଙ୍କ ଦାବୀ ଅନୁଯାୟୀ ଏହି ସମ୍ପ୍ରଦାୟକୁ ପଛୁଆ ବର୍ଗର ଜାତି ଭାବରେ ମାନ୍ୟତା ଦେବା ପାଇଁ ଥିବା ପ୍ରସ୍ତାବକୁ ସରକାର ଗ୍ରହଣ କରି OBC କମିଶନକୁ ଦେଇଥିବା ବିଧିବଦ୍ଧ ପ୍ରସ୍ତାବର ଏକ Copy ଗୃହରେ ଉପସ୍ଥାପନ କରିବେ କି ?

----

### ଏକଲବ୍ୟ Model Residential School ପାଇଁ ଅନୁଦାନ

3725 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶା ରାଜ୍ୟ ପାଇଁ କେନ୍ଦ୍ର ସରକାର ଅଦ୍ୟାବଧି କେତେ ଗୋଟି ଏକଲବ୍ୟ Model Residential School ପାଇଁ ଆବଶ୍ୟକୀୟ ମଞ୍ଜୁରୀ ଦେଇଛନ୍ତି ଓ କେତେ ଟଙ୍କାର ଅନୁଦାନ ଦେଇଛନ୍ତି, ବର୍ତ୍ତମାନ ସୁଦ୍ଧା କେତେ ସ୍କୁଲ କେଉଁ ସ୍ଥାନରେ ସ୍ଥାପନ ହେଲାଣି ଓ ଆଉ କେତେ ନିର୍ମାଣାଧିନ ଅଛି, (ଖ) ସରକାରୀ କଳ ଏହି Model Residential School ପାଇଁ ଜମି ଆବଣ୍ଟନ କରିବାକୁ ନକରାତ୍ମକ ମନୋଭାବ ଗ୍ରହଣ କରୁଛନ୍ତି କି, ଏବଂ କେତେ ସ୍କୁଲ ଜମି ଆବଣ୍ଟନ ଅଭାବରୁ ଆରମ୍ଭ ହୋଇ ପାରୁନାହିଁ, ତାହା ଦର୍ଶାଇବେ କି ?

----

### ଖୋଲିବାକୁ ଯାଉଥିବା ବାର (IMFL on shop) କୁ ବାତିଲ୍ କରିବା

3726 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ପ୍ରବଳ ବିରୋଧ ଜନମତ ସତ୍ତ୍ୱେ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଥାନା ଅନ୍ତର୍ଗତ ଝିଲିମିଲି ମୌଜାରେ ସରକାର ଏକ ମଦ୍ୟାଳୟ (ବାର) ଖୋଲିବାକୁ ଯାଉଛନ୍ତି କି, ଏହି ବାର (IMFL ON Shop) ଏକ ଗାଧୁଆ ତୁଠ ନିକଟରେ ହେବ କି, ସେଠାରେ ପ୍ରତ୍ୟେକ ଦିନ ଶହ ଶହ ମହିଳା ଗାଧୋଇଥାଆନ୍ତି କି, ଏକ ଦେବାଳୟ ମଧ୍ୟ ସେଠାରେ ଅଛି କି, (ଖ) ଏହାଛଡା ଚିହ୍ନଟ ସ୍ଥାନଟି ଜାତୀୟ ରାଜପଥର ଅତି ନିକଟରେ ଅଛି କି, ଏବଂ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଗରିବ, ଆଦିବାସୀ ଓ ଦଳିତ ବର୍ଗର ଲୋକମାନେ ସର୍ବସ୍ୱାନ୍ତ ହେବେ କି, ତୁରନ୍ତ ସେହି ପ୍ରସ୍ତାବକୁ ବାତିଲ କରାଯିବ କି ?

----

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜନ୍ମଦିବସ ଓ ପୁଣ୍ୟତିଥି ପାଳନ

3727 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କେତେ ଜଣ ସାହିତ୍ୟ ସ୍ରଷ୍ଟାଙ୍କର ଜନ୍ମଦିବସ ଓ ପୂଣ୍ୟତିଥି ପାଳନ କରୁଛନ୍ତି, 2010 କେତେ ଜଣଙ୍କର ଏପରି ଜନ୍ମ/ ମୃତ୍ୟୁ ଦିବସ ପାଳନ କରାଯାଉଥିଲା, ଏବେ 2022 ରେ କେତେ ଜଣଙ୍କର ଜନ୍ମ/ ମୃତ୍ୟୁ ଦିବସ ପାଳନ କରାଯାଉଛି, ଏପରି ଉତ୍ସବ ପାଳନ କେବଳ ଭୁବନେଶ୍ୱରରେ କରାଯାଉଛି କି, ବିଳମ୍ବରେ ହେଲେ ବି ସେହି ବରପୁତ୍ରମାନଙ୍କର ଜନ୍ମ/ ମୃତ୍ୟୁ ଦିବସ ପାଳନ ସେମାନଙ୍କର ଜନ୍ମ ସ୍ଥାନରେ ପାଳନ କରାଯିବ କି ?

----

## ପୁରାତନ ମନ୍ଦିର ଓ ପୂଜାସ୍ଥଳୀକୁ ଅବହେଳା

3728 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାର ବହୁ ପୁରାତନ ମନ୍ଦିର ଓ ପୂଜାସ୍ଥଳୀକୁ ସରକାର ଅବହେଳା କରିବାର କାରଣ କଣ, ଦେବୋତ୍ତର ବିଭାଗ ସେଗୁଡିକର ଦାୟୀତ୍ୱ ନେବା କିମ୍ବା ଅନୁଦାନ ଦେବା ପାଇଁ ପଦକ୍ଷେପ ନନେବାର କାରଣ କ'ଣ, ଗତ 10 ବର୍ଷ ମଧ୍ୟରେ ଏହି ଜିଲ୍ଲାର କେତେ ମନ୍ଦିରକୁ ଦୋବତ୍ତର କମିଶନ ଗ୍ରହଣ କରିଛନ୍ତି ଓ ଅନୁଦାନ ବ୍ୟବସ୍ଥା କରିଛନ୍ତି, ବିଳମ୍ବରେ ହେଲେବି ସବୁ ଗ୍ରାମର ପୂଜକ ମାନଙ୍କ ପାଇଁ ପାରିଶ୍ରମିକର ବ୍ୟବସ୍ଥା କରିବେ କି ?

----

## ଆନୁପାତିକ ବଜେଟ ବ୍ୟବସ୍ଥା

3729 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକ ସଂଖ୍ୟା ରାଜ୍ୟ ଲୋକ ସଂଖ୍ୟାର କେତେ ପ୍ରତିଶତ ଅଟେ, ସେମାନଙ୍କ ପାଇଁ ସରକାରଙ୍କ ଦରଦ ଅଛି କି, ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ସେମାନଙ୍କ ପାଇଁ ଆନୁପାତିକ ବଜେଟ ବ୍ୟବସ୍ଥା ରହିବା କଥା କି, ଏ ସମ୍ପର୍କରେ ବିଭାଗ ପକ୍ଷରୁ ଅର୍ଥ ଏବଂ ଯୋଜନା ଓ ସଂଯୋଜକ ବିଭାଗ ସହିତ କି ପ୍ରକାର ଯୋଗାଯୋଗ / ଆଲୋଚନା ହୋଇଛି ତାହା ଦର୍ଶାଇବେ କି ?

----

## ମାସିକ ଦରମାରେ ପାତର ଅନ୍ତର

3730 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Main, Mini, & Addl. AWC ର କାର୍ଯ୍ୟଶୈଳି ସମାନ ଥିବା ବେଳେ ମାସିକ ଦରମାର ପାତର ଅନ୍ତରର କାରଣ କ'ଣ, ଏବଂ Mini ଓ Addl. AWC ରେ Helper ର posting କରାଯାଉ ନଥିବାର କାରଣ କ'ଣ ?

----

## ଉଚ୍ଚ ସମ୍ପନ୍ନ କମିଟି ଗଠନ

3731 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Schedule Dist. ରେ ଅନେକ ଜାତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା (ST & SC) ସମ୍ବନ୍ଧୀୟ ସମସ୍ୟା ଅଛି, ଉଦାହରଣ ସ୍ୱରୂପ Single Lohar, Munda Lohar, Tamodia ଇତ୍ୟାଦି, ଜାତି - ଇଂରାଜୀ ଉଚ୍ଚାରଣ ମଧ୍ୟ ଅନେକାଂଶରେ ବାଧା ଉପୁଜୁଛି, Tamoria- ତମାରିଆ, Tamodia - ତାମୁଡିଆ ଇତ୍ୟାଦି ଉଚ୍ଚ ସମ୍ପନ୍ନ କମିଟି ଗଠନ ହେବ କି, ନିରାକରଣ ପାଇଁ ?

----

## ମାଛ ବିପଣୀ ନିର୍ମାଣରେ ହୋଇଥିବା ଅର୍ଥ ବ୍ୟୟ

3732 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାରିପଦା ITDA ଦ୍ୱାରା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମିତ ୧୦୦ ଶଯ୍ୟା ଛାତ୍ରୀ ନିବାସ ଓ ବାରିପଦା ଅରବିନ୍ଦ ବିଦ୍ୟାଳୟ ନିକଟସ୍ଥ ସ୍ୱାସ୍ଥ୍ୟରେ ମାଛ ବିପଣୀ (Baripada Fresh) ନିର୍ମାଣରେ ଅଦ୍ୟାବଧି କେତେ ଟଙ୍କା କେଉଁ ଅନୁଦାନରୁ ବ୍ୟୟ କରାଯାଇଅଛି ଓ ତନ୍ମଧ୍ୟରୁ କେତେ ଟଙ୍କାର କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ଓ କେତେ ଟଙ୍କା ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଅଛି ତାହାର ବିବରଣୀ ପ୍ରଦାନ କରିବେ କି; ଉକ୍ତ ଶର୍ଯ୍ୟା ଦୁଇଟିରେ କେଉଁ କେଉଁ ଅଭିଯୋଗ ITDA ସ୍ତରରେ ପ୍ରାପ୍ତ ହୋଇଅଛି ଓ ତା ଉପରେ କି କି ପଦକ୍ଷେପ ନିଆଯାଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ପଦବୀ ପୂରଣ

3733 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- SSD High School Boys ବିଶୋଇରେ Addl. section, strength, HM ପଦବୀ କେବେ ପୂରଣ ହେବ ଏବଂ +୨ ଖୋଲିବାର ନିଷ୍ପତ୍ତି କେବେ ନେବେ ?

----

## ଜୀବିକା ଉନ୍ନୟନ ଉଦ୍ଦେଶ୍ୟରେ ହୋଇଥିବା ଖର୍ଚ୍ଚ

3734 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ମୟୂରଭଞ୍ଜ ଜିଲ୍ଲାର ITDA ମାନଙ୍କରେ ୨୦୨୦-୨୧, ୨୦୨୧-୨୨ ଓ ଚଳିତ ଆର୍ଥିକ ବର୍ଷରେ ଆଦିବାସୀମାନଙ୍କର ଜୀବିକା ଉନ୍ନୟନ ଉଦ୍ଦେଶ୍ୟରେ କେଉଁ କେଉଁ ମାସ କେତେ କେତେ ଅର୍ଥ କେଉଁ କେଉଁ ପ୍ରକଳ୍ପ ବାବଦରେ ଖର୍ଚ୍ଚ ହେଇଅଛି; ତାହାର ମାସୱାରୀ ବିବରଣୀ ପ୍ରଦାନ କରିବେ କି; ଏହି କାର୍ଯ୍ୟଗୁଡ଼ିକର କେତେ କେତେ ଅର୍ଥ ମଞ୍ଜୁରୀ ଓ କେତେ କେତେ ଅର୍ଥ ସାମଗ୍ରୀ କିଣାରେ ଖର୍ଚ୍ଚ ହେଉଅଛି ତାହାର ପୃଥକ ବିବରଣୀ, ବିଲ ପ୍ରସ୍ତୁତି ଓ ଅର୍ଥ ପ୍ରଦାନ ପ୍ରକ୍ରିୟାରେ କେଉଁ କେଉଁ ITDAରେ କେଉଁ କେଉଁ ଅଧିକାରୀ କେଉଁ କେଉଁ ଭୂମିକା ନିର୍ବାହ କରିଛନ୍ତି ତାହାର ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ମଦବିକ୍ରୀ ଯୋଗୁଁ ଲାଭ ଓ କ୍ଷତିର ସ୍ୱତନ୍ତ୍ର ଆକଳନ

3735 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ː**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ଶତାଧିକ ମହିଳା, ନାବାଳିକା, ଯୁବତୀଙ୍କୁ ଦୁଷ୍କର୍ମ, ଗଣଦୁର୍ଷମ, ଅପହରଣ ଆଦି ଅପରାଧ ଘଟୁଥିବା ପରିପ୍ରେକ୍ଷୀରେ କ୍ରମବର୍ଦ୍ଧିଷ୍ଣୁ ମଦ୍ୟପାନ ଓ ମଦ ବିକ୍ରି କେତେଦୂର ଦାୟୀ ସେ ସଂପର୍କିତ କିଛି ଆକଳନ କରାଯାଇଛି କି, ଉତ୍ତର ଯଦି ହଁ, ତେବେ ତା'ର ବିବରଣୀ ପ୍ରଦାନ କରିବେ କି, ଯଦି ନା, ତେବେ ମଦ ବିକ୍ରି ବନ୍ଦ ହେବା ଯୋଗୁଁ ଯଦି ଅବକାରୀ ରାଜସ୍ୱ ଅର୍ଜନ ବାଧାପ୍ରାପ୍ତ ହୁଏ, ସେଥିପାଇଁ କି ଲାଭ ବା କ୍ଷତି ହେବ, ସେ ସଂପର୍କରେ ସ୍ୱତନ୍ତ୍ର ଆକଳନ କରିବେ କି, ଦୁର୍ଘଟଣା ଜନିତ ମୃତ୍ୟୁ ହେଉ ବା ଅପରାଧ ଯୋଗୁଁ ଯେଉଁ ପରିମାଣରେ ଜୀବନହାନି ଘଟୁଛି ଓ ଧନ ସଂପତ୍ତିର କ୍ଷୟକ୍ଷତି ହେଉଛି ତାହା ଅବକାରୀ ରାଜସ୍ୱ ତୁଳନାରେ ମହଙ୍ଗା ହେଉନାହିଁ କି ?

----

## ମଠ, ମନ୍ଦିର ଓ ଧାର୍ମିକ ପୀଠସ୍ଥଳୀର ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଯୋଜନା

3736 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ː**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ବିଗତ ୭ ବର୍ଷ ମଧ୍ୟରେ କେତେ ସଂଖ୍ୟକ ମଠ, ମନ୍ଦିର ଓ ଧାର୍ମିକ ପୀଠ ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି ; ସଂପୃକ୍ତ ଯୋଜନା ଆଧାରରେ କେଉଁ ପ୍ରକଳ୍ପ ନିମନ୍ତେ କେଉଁ ବର୍ଷ କେଉଁ ଯୋଜନାରେ କେତେ ଅର୍ଥ ମଞ୍ଜୁର କରାଯାଇ କେତେ ଅର୍ଥ ବ୍ୟୟ କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ; (ଖ) ଆଗାମୀ ଦିନରେ କେଉଁ କେଉଁ ମଠ, ମନ୍ଦିର ଓ ଧାର୍ମିକ ପୀଠସ୍ଥଳୀର ବିକାଶ ନିମନ୍ତେ କ'ଣ ଯୋଜନା କରାଯାଇଛି ଓ କେଉଁ ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ ହୋଇ କେବେ ସୁଦ୍ଧା ସଂପୂର୍ଣ୍ଣ ହେବାର ଯୋଜନା ରହିଛି ; ମଞ୍ଜୁରୀପ୍ରାପ୍ତ କେଉଁ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସଂପୂର୍ଣ୍ଣ ହୋଇପାରିନାହିଁ ତାର କାରଣ ଓ ନିରାକରଣ ବିଷୟରେ କହିବେ କି ?

----

## ବିଚାର ଅପେକ୍ଷାରେ ଥିବା ଫୌଜଦାରୀ ମାମଲା ସଂଖ୍ୟା

3737 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଭିନ୍ନ ଅଦାଲତରେ ପାଞ୍ଚ ଓ ତିନି ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଅପେକ୍ଷାରେ ଥିବା ମାମଲା ଗୁଡିକର ତ୍ୱରିତ ବିଚାର ପାଇଁ ସରକାରଙ୍କ ତରଫରୁ କି କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ଓ କ'ଣ ନେବାକୁ ଅଛି ତାହା ଜଣାଇବେ କି ; ରାଜ୍ୟରେ ବିଭିନ୍ନ ଅଦାଲତରେ ୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ବିଚାର ଅପେକ୍ଷାରେ ଥିବା ପୌଜଦାରୀ, ଦେୱାନୀ ଓ ଅନ୍ୟାନ୍ୟ ମାମଲା ସଂଖ୍ୟା କେତେ ରହିଛି ତାର ଅଦାଲତ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଆଇନ ସେବା ଉପଲବ୍ଧ କରିବା ନିମନ୍ତେ ନେଉଥିବା ପଦକ୍ଷେପ

3738 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜନସାଧାରଣଙ୍କୁ ଆଇନ ସେବା ଉପଲବ୍ଧ କରିବା ନିମନ୍ତେ ସରକାର କି କି ପଦକ୍ଷେପ ନେଉଛନ୍ତି ଏବଂ ସେ ବାବଦରେ କେତେ ଭିତ୍ତଭୂମି ପ୍ରସ୍ତୁତ ପୂର୍ବକ କେତେ ଖର୍ଚ୍ଚ କରୁଛନ୍ତି ତା'ର ବିବରଣୀ ଦେବେ କି ? ଏହି ପରିପ୍ରେକ୍ଷୀରେ ବିଭିନ୍ନ ମକଦ୍ଦମାରେ ଛନ୍ଦି ହୋଇଥିବା କେତେ ବ୍ୟକ୍ତି ସରକାରୀ ଭାବେ ଉପଲବ୍ଧ ଆଇନ ସେବାରୁ ବଞ୍ଚିତ ହୋଇଛନ୍ତି , ଫଳରେ କେତେ ବ୍ୟକ୍ତି ଆର୍ଥିକ ରୂପେ ବରବାଦ ହୋଇଛନ୍ତି, କେତେ ବ୍ୟକ୍ତି କେତେ ବର୍ଷ ଧରି ଅଯଥାରେ ବିଚରାଧୀନ କଏଦୀ ଭାବେ ରହିଥିବା ସରକାର ଚିହ୍ନଟ କରିଛନ୍ତି, ସେମାନଙ୍କୁ ମକଦ୍ଦମାରୁ ମୁକୁଳିବା ପାଇଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେସବୁର ବିଗତ ୫ ବର୍ଷର ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ; ଯଦି ନିରୀହ କଏଦୀମାନଙ୍କୁ ଚିହ୍ନଟ ହୋଇନାହିଁ, ସେ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ କି ?

----

## ଦଣ୍ଡିତ ଆଇଟିଡ଼ିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଧିକାରୀ

3740 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦଣ୍ଡିତ ହୋଇ କେଉଁ କେଉଁ ଅଧିକାରୀ ବିଗତ ତିନି ବର୍ଷ ମଧ୍ୟରେ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ମାନଙ୍କୁ ବଦଳି / ଅବସର ବା ବହିଷ୍କୃତ ହୋଇଛନ୍ତି ; କେଉଁ କେଉଁ ତାରିଖରୁ ସେମାନଙ୍କର ବଦଳି / ଅବସର ବା ବହିଷ୍କୃତ ଆଦେଶ କାର୍ଯ୍ୟକାରୀ ହୋଇଅଛି ଓ କେଉଁ କେଉଁ ତାରିଖରେ ସେମାନେ ତାଙ୍କ ଦାୟିତ୍ୱରେ ଥିବା ସରକାରୀ ନଥିପତ୍ର ଓ ଅର୍ଥ ଆଦି ସମ୍ପୂର୍ଣ୍ଣ ହସ୍ତାନ୍ତର କରିଛନ୍ତି ବା କରୁନାହାନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଟ୍ରଷ୍ଟ ଗଠନ ନିଷ୍ପତ୍ତି କାର୍ଯ୍ୟକାରୀତାରେ ବିଳମ୍ବ

3741 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-(କ) ତା ୨୭.୦୭.୨୦୧୮ ରିଖରେ ପୁରୀ ଠାରେ ଅନୁଷ୍ଠିତ ପ୍ରଥମ ଐତିହ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସଂସ୍କୃତି ଓ ଐତିହ୍ୟ ନୀତି ପ୍ରସ୍ତୁତି, ସାର୍ବଜନୀନ ପାଠାଗାର ନିର୍ଦ୍ଦେଶକ ପଦବୀ ସୃଷ୍ଟି ଓ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ର ଟ୍ରଷ୍ଟ ଗଠନ ନିଷ୍ପତ୍ତି କାର୍ଯ୍ୟକାରିତାର ମାତ୍ରାଧିକ ବିଳମ୍ବ ହେବାର କାରଣ କ'ଣ, କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ରୂପାୟନ ନିମନ୍ତେ ସରକାର ନେଉଥିବା କି କି ବିହିତ ପଦକ୍ଷେପ କେଉଁ ପର୍ଯ୍ୟାୟରେ ରହିଛି ଏବଂ କେବେ ସୁଦ୍ଧା କେଉଁ ନିଷ୍ପତ୍ତି କାର୍ଯ୍ୟକାରୀ ହେବ, (ଖ) କେଉଁ ଜିଲ୍ଲାର କେଉଁ ପୁରାତନ ଐତିହ୍ୟ, ସ୍ଥାପତ୍ୟ ଓ ମନ୍ଦିରର ସୁରକ୍ଷା ନିମନ୍ତେ ୨୦୧୮-୧୯ ରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥ ମଞ୍ଜୁର କରାଯାଇଥିଲା, ସେଥିରୁ କେତେ ଅର୍ଥ କେଉଁ କେଉଁ , କ୍ଷେତ୍ରରେ ବିନିଯୋଗ ହୋଇଛି, କେଉଁ କାରଣରୁ ନିର୍ଦ୍ଧାରିତ ସମୟ ଅବଧିରେ ଅର୍ଥ ବିନିଯୋଗ ହୋଇପାରିନାହିଁ ?

----

## ଜନପ୍ରତିନିଧି ଆଇନ ପରିସରଭୁକ୍ତ ସମ୍ପର୍କରେ

3742 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସାମ୍ବିଧାନିକ ବ୍ୟବସ୍ଥା ଓ ଜନପ୍ରତିନିଧି ଆଇନ, ୧୯୫୧ ରାଜ୍ୟର କେତେ ସଂଖ୍ୟକ ମନ୍ତ୍ରୀଙ୍କ ପାଇଁ ଲାଗୁ ହେଉଛି, ସରକାରଙ୍କ ଦ୍ୱାରା କ୍ୟାବିନେଟ୍ ଓ ମନ୍ତ୍ରୀ ପାହ୍ୟ ପାଇ ନିଯୁକ୍ତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଜନପ୍ରତିନିଧି ଆଇନ ପରିସରଭୁକ୍ତ କି, ଉତ୍ତର ଯଦି ହଁ, ତେବେ ସେମାନେ ଜନପ୍ରତିନିଧି ଆଇନ ଅନୁଯାୟୀ କ୍ୟାବିନେଟ୍ ଓ ମନ୍ତ୍ରୀ ପାହ୍ୟା ସହିତ ନିଯୁକ୍ତ ପାଇବାର କେତେ ଦିନ ମଧ୍ୟରେ ସେମାନଙ୍କର ସ୍ଥାବର ଅସ୍ଥାବର ସଂପତ୍ତି, ନିଜସ୍ୱ ବା ପାରିବାରିକ ବ୍ୟାବସାୟିକ ସ୍ୱାର୍ଥ, ସେୟାର ଓ ଡିବେନଚର, ନଗଦ ଅର୍ଥ, ମୂଲ୍ୟବାନ ଅଳଙ୍କାର ଆଦି ସମ୍ବଳିତ ବିବରଣୀ ପ୍ରଦାନ କରିଛନ୍ତି, ମନ୍ତ୍ରୀମାନଙ୍କ ଭଳି ସେମାନଙ୍କର ଧନ ସଂପତ୍ତିର ବିବରଣୀ ଜନସାଧାରଣଙ୍କ ଅବଗତି ନିମନ୍ତେ ସାର୍ବଜନୀନ କରାଯିବ କି, ତେବେ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ଜଣାଇବେ କି ?

----

## ବିଚାରଧିନ ଥିବା ମାମଲା ଫଇସଲା ପାଇଁ ପଦକ୍ଷେପ

3743 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ଅଦାଲତରେ କେବେସୁଦ୍ଧା କେତେ ମାମଲା ବିଚାରଧିନ ଅବସ୍ଥାରେ ରହିଛି, ମାମଲାଗୁଡିକ ଫଇସଲା ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମମତା କାର୍ଡ transfer କରିବା ପାଇଁ ଯୋଜନା

3744 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ)ଃ**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମମତା କାର୍ଡ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ କରୁଛି, ରାଜ୍ୟରେ ମମତା କାର୍ଡକୁ transfer କରିବା ପାଇଁ ସରକାରଙ୍କ କିଛି ଯୋଜନା ଅଛି କି ଯଦି ନା କେବେସୁଦ୍ଧା କାର୍ଯ୍ୟକାରୀ କରିବେ ଜଣାଇବେ ?

----

## ନିୟମିତ ନିର୍ଦ୍ଦେଶକ ନିଯୁକ୍ତି

3745 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱରଠାରେ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା କେନ୍ଦ୍ରରେ ମୋଟ କେତୋଟି ପଦବୀ ରହିଛି ଓ ବର୍ତ୍ତମାନ ଏଥିରୁ କେତୋଟି ଖାଲି ପଡିଛି , ଏହି ତାଲିମ କେନ୍ଦ୍ରରେ କେବେଠାରୁ ଠିକା ନିର୍ଦ୍ଦେଶକଙ୍କ ହାତରେ ରହିଛି ଏବଂ ସରକାର ଏଠାରେ କେବେସୁଦ୍ଧା ଜଣେ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରିବେ ?

----

## ଆବାସିକ ବିଦ୍ୟାଳୟର ତାଲିକା

3746 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ ଜିଲ୍ଲାରେ କେତୋଟି ଆବାସିକ ବିଦ୍ୟାଳୟ ରହିଛି ଓ ଏଠାରେ କେତେ ପିଲା ପାଠ ପଢୁଛନ୍ତି, ସ୍କୁଲୱାରୀ ଏକ ତାଲିକା ପ୍ରଦାନ କରିବେ ?

----

## ଜାତୀୟ ଅର୍ଥ କମିଶନଙ୍କ ସୁପାରିଶରେ ଖର୍ଚ୍ଚ ହୋଇଥିବା ଅନୁଦାନ ରାଶି

3747 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୌରାଣିକ କିମ୍ବଦନ୍ତୀ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କେଉଁ ଜିଲ୍ଲାର ପୀଠକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଅନ୍ତର୍ଭୁକ୍ତ କରାଯାଇଛି, ପୁରୀ ଶ୍ରୀମନ୍ଦିର, ଶ୍ରୀ ଲିଙ୍ଗରାଜ, ମା ସମଲେଶ୍ୱରୀ, ନୀଳମାଧବ ଆଦି ପୀଠ ବ୍ୟତୀତ ଅନ୍ୟାନ୍ୟ ପୀଠଗୁଡିକର ବିକାଶ ଲାଗି ଜାତୀୟ ଅର୍ଥ କମିଶନଙ୍କ ସୁପାରିଶରେ କେତେ ଅନୁଦାନ ରାଶି ଖର୍ଚ୍ଚ କରାଯାଇଛି, ଏହାଛଡା DMF ପାଣ୍ଠିରେ କେଉଁ କେଉଁ ପୀଠର ବିକାଶ କରାଯାଇଛି ଏବଂ ସେଥିରୁ କେତେ ପୀଠ ନିକଟରେ ପର୍ଯ୍ୟଟକଙ୍କ ପାଇଁ ରହଣି ସୁବିଧା ଅଛି ?

----

## ଆର୍ଥିକ ସ୍ୱାବଲମ୍ବୀ ପାଇଁ ସ୍ୱତନ୍ତ୍ର ଯୋଜନା

3748 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲଘୁ ଉଦ୍ୟୋଗ ତଥା କୁଟୀର ଶିଳ୍ପ ଜରିଆରେ ଗ୍ରାମାଞ୍ଚଳ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବା ନିମନ୍ତେ ସେମାନଙ୍କୁ ଧନ୍ଦାମୂଳକ ତାଲିମ ସହ ପୁଞ୍ଜି ସହାୟତା ଦେବାକୁ ସରକାରଙ୍କ ସ୍ୱତନ୍ତ୍ର ଯୋଜନା କଣ, ଏହାଦ୍ୱାରା କେତେ ମହିଳା/ମହିଳା ଉଦ୍ୟୋଗୀ ରୋଜଗାରକ୍ଷମ ହେବା ସହିତ ଋଣ ଟଙ୍କା ପରିଶୋଧ କଲେଣି ଗତ 5 ବର୍ଷର ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ରିହାତି ସୁଧ ହାରରେ ଋଣ ନେଇ ଋଣ ଟଙ୍କାକୁ ଚଢା ସୁଧରେ ଲଗାଉଥିବା ସମ୍ପର୍କରେ

3749 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରୋଜଗାର ଭିତ୍ତିକ ପ୍ରକଳ୍ପ ନାମରେ ରିହାତି ସୁଧ ହାରରେ ଋଣ ନେଇ ଋଣ ଟଙ୍କାକୁ ଚଢା ସୁଧରେ ଲଗାଣ କରିବା ସହ ଋଣ ଅସୁଲ ବେଳେ ସ୍ଥଳ ବିଶେଷରେ ଜୁଲୁମ କରୁଥିବା ଅଭିଯୋଗ ସତ କି, ଯଦି ହଁ, ତେବେ ସରକାର କେଉଁ ଜିଲ୍ଲାରୁ ଏଭଳି କେତେ ଅଭିଯୋଗ ପାଇଛନ୍ତି ଓ ତଦନ୍ତ କରି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ନିଶାନିବାରଣ ପାଇଁ ପଦକ୍ଷେପ

3750 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନିଶାନିବାରଣ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଓ ରାଜ୍ୟରେ ଅବକାରୀ ଆଇନର କାର୍ଯ୍ୟାନ୍ୱୟନ କିପରି ଚାଲିଛି କହିବେ କି, ରାଜ୍ୟରେ ସବୁଠି ସବୁବେଳେ ଚୋରା ଗଞ୍ଜେଇ ଜବତ କରାଯାଉଛି, ଗଳିକନ୍ଦିରେ ବ୍ରାଉନସୁଗାର ବଜାର ଖୋଲିଗଲାଣି, ଖୁଲମ୍ ଖୁଲା ଗୁଟଖା ବିକ୍ରି ହେଉଛି, ବୋଲି ସରକାର ଜାଣନ୍ତି କି, ଅବକାରୀ କାରବାର ରୋକିବା, ନିଶାଡିମାନଙ୍କୁ ଧରିବା ପାଇଁ ରାଜ୍ୟରେ କେତୋଟି ଅବକାରୀ କେତେ କର୍ମଚାରୀ ଅଛନ୍ତି, କେତୋଟି ଥାନା ଅଛି କିପରି ରୋକି ହେବ କହିବେ କି ?

----

## ମହିଳା ସଶକ୍ତିକରଣ

3751 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମିଶନ ଶକ୍ତି ବିଭାଗର କାମ କଣ, ଏହି ବିଭାଗ ଦ୍ୱାରା ମହିଳା ମାନେ କିପରି ଉପକୃତ ହେଉଛନ୍ତି କହିବେ କି, ଏହି ବିଭାଗର କାର୍ଯ୍ୟକ୍ରମ ଯୋଗୁଁ ମହିଳା ମାନେ ଦୈନିକ କେତେ ରୋଜଗାର କରିଥାନ୍ତି, ବିଶେଷ କରି SGH ଗ୍ରୁପର ମହିଳା ମାନଙ୍କର ମୁଣ୍ଡ ପିଛା ଆୟ କେତେ, କେତେ ଟଙ୍କା ଜଣେ ମା ରୋଜଗାର କଲେ ମହିଳା ସଶକ୍ତିକରଣ ହେଲା ବୋଲି କୁହାଯିବ, ସଶକ୍ତିକରଣ ହେବାର Criteria କଣ, ମହିଳାଟିଏ ସଶକ୍ତିକରଣ ହେଲା ବୋଲି ଜଣାପଡେ କିପରି ?

----

## PIL ଫାଇଲ କରିବାର ନିୟମ

3752 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Public Interest Litigation ବା PIL ଫାଇଲ କରିବାର Criteria କଣ ସବୁ ଅଛି, ସାଧାରଣ ଲୋକଟିଏ PIL ଫାଇଲ କରିବା ପୂର୍ବରୁ କେଉଁ କେଉଁ ବିଷୟ ଉପରେ ଅବଗତ ହେବା କଥା, କିଏ ଅବଗତ କରାଇପାରିବ, କେଉଁ କେଉଁ ସମସ୍ୟା ଉପରେ PIL ଫାଇଲ କରାଯାଇପାରିବ, ଏଥିପାଇଁ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟର କିଛି ଗାଇଡଲାଇନ ଅଛି କି ?

----

## ପର୍ଯ୍ୟଟନ ସ୍ଥଳୀର ବିକାଶ

3753 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ଓ ସୋନ୍ଦର୍ଯ୍ୟକରଣ କରିବା ପାଇଁ ସରକାର କି କି ବ୍ୟବସ୍ଥା କରିଛନ୍ତି କହିବା ସହ ଯଶିପୁର ନିର୍ବାଚନ ମଣ୍ଡଳୀରେ କେତୋଟି ପର୍ଯ୍ୟଟନ ସ୍ଥଳୀ ଅଛି, ଗତ ଦୁଇ ବର୍ଷରେ ସେସବୁ ସ୍ଥାନକୁ କେତେ ପର୍ଯ୍ୟଟକ ଆସିଛନ୍ତି କହିବେ କି, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ରାଜ୍ୟ ସରକାରଙ୍କ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି କେତୋଟି କମ୍ପାନୀକୁ ଅନୁମୋଦିତ କରିଛନ୍ତି ଓ କେତେ ପୁଞ୍ଜି ବିନିଯୋଗ ହେବାର ଅଛି କହିବେ କି ?

----

## ଦେଶୀ ଭାଟି ଓ ବିଦେଶୀ ମଦ ଦୋକାନ ଦେଇଥିବା ରାଜସ୍ୱର ପରିମାଣ

3754 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ଼ ଜିଲ୍ଲାରେ ଦେଶୀ ଭାଟି, ବିଦେଶୀ ମଦ ଦୋକାନ ଦ୍ୱାରା ସରକାର ବହୁ ପରିମାଣରେ ରାଜସ୍ୱ ପାଇଥିବା କଥା ସତ୍ୟ ଅଟେ କି, ଯଦି ଏହା ସତ୍ୟ ଅଟେ ଜିଲ୍ଲାର କେଉଁ କେଉଁ ଦେଶୀଭାଟି ୨୦୨୧-୨୨, ୨୦୨୨-୨୩ କେତେ ରାଜସ୍ୱ ଦେଇଛନ୍ତି ଓ ବିଦେଶୀ ମଦ ଦୋକାନ କେତୋଟି ଅଛି ଏବଂ ଏହି ବିଦେଶୀ ମଦ ଦୋକାନ କେତେ ରାଜସ୍ୱ ୨୦୨୧-୨୨ ରେ ଦେଇଛନ୍ତି ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିବେ କି ?

----

## ମଦ ଓ ଗଞ୍ଜେଇ କେଶର ସଂଖ୍ୟା

3755 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ ଜିଲ୍ଲାର Excise Departmentଙ୍କ ଅବହେଳା ଯୋଗୁଁ ଜିଲ୍ଲାର ଚାରି ଆଡ଼େ ମଦ, ଗଞ୍ଜେଇ ପ୍ରବଳ ପରିମାଣରେ ବିକ୍ରି ହେଉଥିବା କଥା ସତ୍ୟ ଅଟେ କି, ଯଦି ଏହା ସତ୍ୟ ଅଟେ ୨୦୨୧-୨୨, ୨୦୨୨-୨୩ ବର୍ଷରେ କେତୋଟି ମଦ କେଶ, କେତୋଟି ଗଞ୍ଜେଇ କେଶ କରାଯାଇଛି ସେଗୁଡିକର ନାମ ପ୍ରଦାନ କରିବେ କି ?

----

## ପର୍ଯ୍ୟଟନସ୍ଥଳୀ ଚିହ୍ନଟ

3756 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ଼ ଜିଲ୍ଲାରେ ଅନେକ ଗୁଡିଏ ସୁନ୍ଦର ସୁନ୍ଦର ପର୍ଯ୍ୟଟନସ୍ଥଳୀ ଥିବା କଥା ସତ୍ୟ ଅଟେ କି, ଯଦି ଏବା ସତ୍ୟ ଅଟେ ଏଗୁଡିକର ଚିହ୍ନଟ କରିବା ପାଇଁ ଜିଲ୍ଲାପାଳଙ୍କୁ ସରକାର ଯଥାଶିଘ୍ର ନିର୍ଦ୍ଦେଶ ଦେବେ କି ?

----

## ଖାଲି ପଦବୀ ପୂରଣ

3757 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉମରକୋଟ ନିର୍ବାଚନ ମଣ୍ଡଳୀରେ କେତେ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଛି ତାହାର ବିବରଣୀ ପ୍ରଦାନ କରିବେ କି, ଏହି ଖାଲି ପଦବୀ କେବେ ସୁଦ୍ଧା ପୂରଣ କରାଯିବ ?

----

## କର୍ମଜିବୀ ମହିଳା ନିବାସ ନିର୍ମାଣ

3758 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉମରକୋଟ ଠାରେ କର୍ମଜିବୀ ମହିଳାଙ୍କ ରହଣୀ ପାଇଁ ଏବଂ କର୍ମଜିବୀ ମହିଳା ନିବାସ ନିର୍ମାଣ ସକାଶେ ସରକାରଙ୍କ ନିକଟରେ କୌଣସି ଯୋଜନା ଅଛି କି, ଯଦି ନାହିଁ ଏଥି ପାଇଁ ପଦକ୍ଷେପ ନେବେ କି ?

----

## Hostel ର ସଂଖ୍ୟା

3759 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନବରଙ୍ଗପୁର ଜିଲ୍ଲାରେ ଅନୁସୂଚିତ ଜାନଜାତି ଓ ଅନୁସୂଚିତ ଜାତି ଛାତ୍ରାଛାତ୍ରୀଙ୍କ ନିମନ୍ତେ କେତୋଟି Hostel ରହିଛି ସେଥିମଧ୍ୟରୁ କେତୋଟି ବ୍ୟବହାର ନହୋଇ ପଡିରହିଛି ନୂତନ ଭାବେ କେତୋଟି Hostel କେଉଁ କେଉଁ ଠାରେ ନିର୍ମାଣ କରିବାର ଯୋଜନା ରହିଛି ?

----

## ଆଦିମ ଅନୁସୂଚିତ ଜନଜାତିଙ୍କର ଆର୍ଥିକ ଉନ୍ନତି

3760 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କୋଡୋଟି ଆଦିମ ଅନୁସୂଚିତ ଜନଜାତି ସଂପ୍ରଦାୟ ଅଛନ୍ତି ସେମାନଙ୍କ ମଧ୍ୟରେ ସାକ୍ଷରତାହାର କେତେ ଓ ସେମାନଙ୍କମଧ୍ୟରେ ଦାରିଦ୍ର୍ୟ ହାର କେତେ ରହିଛି ସେମାନଙ୍କର ଆର୍ଥୀକ ଉନ୍ନତି ଲାଗି ତଥା ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରକାଶ ସକାଶେ କି ପଦକ୍ଷେପ ନିଆଯାଇଛି ?

----

## ଭାଷା ଓ ଲିପି ସୁରକ୍ଷା ପାଇଁ ପଦକ୍ଷେପ

3761 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁ ଅଞ୍ଚଳରେ ସ୍ଥାନୀୟ କଥିତ ଭାଷା ଓ ଲିପି ରହିଛି ସେସବୁକୁ କେତେଲୋକ ବ୍ୟବହାର କରୁଛନ୍ତି ଏବଂ କେଉଁ କେଉଁ ଭାଷା ତଥା ଲିପି ଲୋପ ପାଇଗଲାଣି କିମ୍ବା ଲୁପ୍ତ ପ୍ରାୟ ଅବସ୍ଥାକୁ ଆସିଗଲାଣି ଉପୋରୋକ୍ତ କଥିତ ଭାଷା ଓ ଲିପିକୁ ବଞ୍ଚାଇ ରଖିବାକୁ କୌଣସି ପଦକ୍ଷେପ ନିଆଯାଇଛି କି ଉତ୍ତର ହଁ ହୋଇଥିଲେ ଏ ବିଷୟରେ ସବିଶେଷ ତଥ୍ୟ ଦେବେ କି ?

----

## ପୁରୀଠାରେ ନୂତନ RDC କାର୍ଯ୍ୟାଳୟ ପ୍ରତିଷ୍ଠା

3762 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତା.16.03.2021 ପ୍ରଶ୍ନ ନଂ-2026 ଉତ୍ତରକୁ ଦୃଷ୍ଟିରେ ରଖି ପୁରୀଠାରେ ନୂତନ R.D.C କାର୍ଯ୍ୟାଳୟ ପ୍ରତିଷ୍ଠା ଏବଂ R.D.C ଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପ୍ରଶାଶକ ଦାୟିତ୍ୱ ଦେବା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଇଛି. (ଖ) ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରସାଶନ ସଂସ୍କାର କମିଶନ ମାନ୍ୟବର ଜଷ୍ଟିସ ଶ୍ରୀ ବି.ପି ଦାସଙ୍କ ପ୍ରଦତ୍ତ Report ରେ କି କି ମୁଖ୍ୟ ସୁପାରିଶ କରାଯାଇଛି ଏଥିରେ ସରକାର କେଉଁ କେଉଁ ସୁପାରିଶ କାର୍ଯ୍ୟକାରୀ କରିଛନ୍ତି ?

----

## ମିଶନ ଶକ୍ତି କରିଥିବା ଖର୍ଚ୍ଚ

3763 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଜିଲ୍ଲାର କେତୋଟି ମିଶନ ଶକ୍ତିକୁ କେତେ ଟଙ୍କା ପ୍ରଦାନ କରାଯାଇଛି ଓ ତାହା କେଉଁ କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ତାହାର ଏକ ତାଲିକା ଦେବେ କି ?

----

## ମଦ ଦୋକାନ ଦେଇଥିବା ସିକ୍ୟୁରିଟି ଡ଼ିପୋଜିଟ

3764 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟଦେବ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ମଦ ଦୋକାନ ଅଛି, ତାହା କେବେ ସୁଦ୍ଧା ଟେଣ୍ଡର ହୋଇଥିଲା କେତେ ଟଙ୍କା ସରକାରଙ୍କୁ ସିକ୍ୟୁରିଟି ଡ଼ିପୋଜିଟ୍ ଦେଇଛନ୍ତି ବର୍ଷକୁ କେତେ ଟଙ୍କା Tax ଦେଉଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଉଥିବା ଅର୍ଥର ମୂଲ୍ୟାୟନ

3765 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ଏବଂ ଋଣର ସଠିକ୍ ବିନିଯୋଗ ହେଉଛି କି ନାହିଁ ଓ ବିନିଯୋଗ ପରବର୍ତ୍ତୀ ସମୀକ୍ଷା, ମୂଲ୍ୟାୟନ ନିମନ୍ତେ କି କି ବ୍ୟବସ୍ଥା ନିର୍ଦ୍ଧାରଣ ହୋଇଛି; କେଉଁ କେଉଁ ପଦ୍ଧତିରେ ଓ କେଉଁ ମାନଙ୍କ ବିଗତ ୫ ବର୍ଷ ମଧ୍ୟରୁ କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ମୂଲ୍ୟାୟନ ହୋଇଛି ତାର ଏକ ବିବରଣୀ ଉପସ୍ଥାପନ କରିବେ କି ?

----

## କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ

3766 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା ପାଇଁ ନିୟୋଜିତ କେଉଁ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କଣ ନିର୍ଦ୍ଧାରଣ କରାଯାଇଛି; ଏବଂ କେଉଁ ହାରରେ ଦରମା ଭତ୍ତା ଓ ଅନ୍ୟାନ୍ୟ ଅନୁସଙ୍ଗୀକ ସୁବିଧା ପ୍ରଦାନ କରାଯାଉଛି, କେଉଁ କ୍ରମଚାରୀ ଦୈନିକ କେତେ ସମୟ କାର୍ଯ୍ୟ କରୁଛନ୍ତି ତାର ଏକ ବିବରଣୀ ପ୍ରଦାନ କରିବେ କି ; (ଖ) ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଅଙ୍ଗନୱାଡ଼ି କର୍ମଚାରୀମାନେ କେଉଁ କେଉଁ ଦାବୀ ପୂରଣ ନିମନ୍ତେ କେବେ ଠାରୁ ଆନ୍ଦୋଳନ କରୁଛନ୍ତି; ସମ୍ପୃକ୍ତ ଦାବୀ ମଧ୍ୟରୁ କେଉଁ କେଉଁ ଦାବୀ କେବେ ସୁଦ୍ଧା ପୂରଣ ନିମନ୍ତେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ସମ୍ପ୍ରତି କେଉଁ ପର୍ଯ୍ୟାୟରେ ରହିଛି ପ୍ରକାଶ କରିବେ କି ?

----

## ପିତାମହଲ ଜଳସେଚନ ପ୍ରକଳ୍ପ ଠାରେ ନୌକା ବିହାର

3767 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଅଧିନରେ ଥିବା ପିତାମହଲ ଜଳସେଚନ ପ୍ରକଳ୍ପଠାରେ ପର୍ଯ୍ୟଟନ ସ୍ଥଳିର ଆବଶ୍ୟକିୟ ଭିତ୍ତିଭୂମିର ବିକାଶ ତଥା ନୈକା ବିହାର ନିମନ୍ତେ ଯୋଜନା କରାଯିବ କି ?

----

## ଛତୁଆ ଯୋଗାଣ

3768 **ଶ୍ରୀ ଅଙ୍ଗଦ କହଁର (ଫୁଲବାଣୀ):**

**ମହିଳା ଓ ଶିଶୁ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ବାର୍ଷିକ କେତେ ପରିମାଣର ଛତୁଆ ତିଆରି କରାଯାଇଥାଏ ଓ କେତେ ପିଲାଙ୍କୁ ଛତୁଆ ଦିଆଯାଇଥାଏ ଏଥିପାଇଁ କେତେ ଅର୍ଥ ସରକାର ଖର୍ଚ୍ଚ କରିଥାନ୍ତି କହିବା ସହ କେଉଁ କେଉଁମାନଙ୍କୁ ଛତୁଆ ପ୍ରସ୍ତୁତ କରିବାପାଇଁ ଓ କେଉଁ କେଉଁ ଜିନିଷ ଛତୁଆରେ ପକାଇବା ପାଇଁ କୁହାଯାଇଥାଏ ତାର ଏକ ବିସ୍ତୃତ ବିବରଣୀ ଦେବେ କି; ଏହିସବୁ ଛତୁଆର ମାନ ପରୀକ୍ଷା କିଏ କରିଥାନ୍ତି ଓ ପିଲାମାନେ ଛତୁଆଗୁଡ଼ିକୁ ଆଗ୍ରହର ସହ ଖାଉଛନ୍ତି ନା ନାହିଁ ତାର ତଦାରଖ କିଏ କରୁଛି କହିବେ କି ?

----

## ମନ୍ଦିରମାନଙ୍କ ଉନ୍ନତି

3769 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ)ঃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲା କନିସି ତହସିଲ ଅନ୍ତର୍ଗତ ମନ୍ତ୍ରୀଡ଼ି ଗ୍ରାମରେ ଅଧିଷ୍ଠିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ଅତି ପୁରାତନ ମନ୍ଦିର ଯାହାକି ଓଡ଼ିଶା ସରକାରଙ୍କ ଦେବୋତ୍ତର INDEX NO-470G ଦ୍ୱାରା ପରିଚାଳିତ, ଅର୍ଥାଭାବରୁ ଦୈନନ୍ଦିନ ନୀତିକାନ୍ତି ପରିଚାଳନାର ଚରମ ଅସୁବିଧା ସମ୍ମୁଖୀନ ହେଉଥିବା ଓ ୧୯୯୨ ମସିହା ମହାବାତ୍ୟା ଠାରୁ ବନ୍ଦ ହୋଇଯାଇଥିବା ରଥଯାତ୍ରାର ପୁନଃ ପ୍ରଚଳନ କରିବା ନିମନ୍ତେ ମନ୍ତ୍ରୀଡ଼ି ଗ୍ରାମବାସୀ ମନ୍ତ୍ରୀଡ଼ି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ଜରିଆରେ ତା 13.05.2022 ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ 5T ବିଭାଗକୁ ଦରଖାସ୍ତ ପଠାଇ ବିଚାର କରିବାପାଇଁ ପ୍ରାର୍ଥନା କରିଥିଲେ କି; ଓଡ଼ିଶା ରାଜ୍ୟର ବିଭିନ୍ନ ମନ୍ଦିର ମାନଙ୍କର ଉନ୍ନତିକରଣ ଚାଲିଥିବା ପରିପ୍ରେକ୍ଷୀରେ ସରକାର ଏହି ଦରଖାସ୍ତ ଉପରେ କି କି ପଦକ୍ଷେପ ନେଇ ଆସନ୍ତା ବର୍ଷ ରଥଯାତ୍ରା କରିବାର ବ୍ୟବସ୍ଥା କରିବେ କି ?

----

## ମହାପ୍ରଭୁ ଜଗନ୍ନାଥଙ୍କ ଭୂ-ସମ୍ପତ୍ତି ବିକ୍ରି

3770 **ଶ୍ରୀ ଭାସ୍କର ମଢେଇ (ଉଦଳା)ঃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପୁରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସମୁଦାୟ କେତେ ଏକର ଜମି ରାଜ୍ୟରେ ଏବଂ ରାଜ୍ୟ ବାହାରେ ଅଛି; ରାଜ୍ୟ ବାହାର ଭୂ ସମ୍ପତ୍ତି ବିକ୍ରୟ କରାଯାଇ ଲବ୍ଧ ଅର୍ଥଙ୍କୁ Bank ରେ ସ୍ଥାୟୀ ଜମା କରାଯାଇଛି କି; ବର୍ତ୍ତମାନ ସୁଦ୍ଧା କେତେ ଜମି ବିକ୍ରୟ କରାଯାଇଛି କେଉଁ କେଉଁ State ରୁ ତଥ୍ୟ ଅଛି କି ?

----

## ଅନୁସୂଚିତ ଜନଜାତି ଓ ଜାତିମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା

3772 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର)ঃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଥିବା ସମସ୍ତ ST ଆଦିବାସୀ ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ SC ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପଛୁଆ ବର୍ଗ ଲୋକଙ୍କର ସର୍ବାଙ୍ଗୀନ ଉନ୍ନତ୍ତି ପାଇଁ ସର୍ବୋପରି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତ୍ତି ପାଇଁ ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ କି କି ଯୋଜନା କାର୍ଯ୍ୟକାରୀ ହେଉଛି, କେନ୍ଦ୍ର ସରକାରଙ୍କ ତରଫରୁ କେଉଁ କେଉଁ ସମ୍ପ୍ରଦାୟର ଲୋକଙ୍କ ପାଇଁ କି କି ଯୋଜନା କାର୍ଯ୍ୟକାରୀ ହେଉଛି ଓ କେନ୍ଦ୍ର କେତେ ଅର୍ଥ ସେ ବାବଦକୁ ଦେଉଛି, ରାଜ୍ୟ ସରକାର କି କି ଯୋଜନା ନିଜସ୍ୱ ପାଣ୍ଠିରୁ କରୁଛନ୍ତି ଓ କେତେ ଲୋକ ଉପକୃତ ହେଉଛନ୍ତି ଗତ 5 ବର୍ଷର ରିପୋର୍ଟ ଦେବେ କି ?

----

## ନିଶା ନିବାରଣ ସଚେତନତା ପାଇଁ କାର୍ଯ୍ୟକ୍ରମ

3773 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନିଶା ନିବାରଣ ଲାଗି ସଚେତନତା ସୃଷ୍ଟି ସକାଶେ କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି କି, ଉତ୍ତର ଯଦି ହଁ ହୋଇଥାଏ ତେବେ ବିଭିନ୍ନ ନିଶା ସାମଗ୍ରୀର ବ୍ୟବହାରରୁ ଲୋକଙ୍କୁ ନିବୃତ୍ତ କରିବା ଲାଗି ବିଶେଷ ଭାବରେ ଛାତ୍ର ଓ ଯୁବକ ଶ୍ରେଣୀକୁ ମଦ, ଗଞ୍ଜେଇ, ଅଫିମ ଓ ଡ୍ରଗ୍ସ ତଥା ଅନ୍ୟ ସବୁ କ୍ଷତିକାରକ ନିଶା ସେବନରୁ ଦୂରେଇ ରଖିବା ପାଇଁ କି ପ୍ରକାର ସଚେତନତା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ନିବାରଣମୂଳକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ?

----

## ଦୋଷୀ ସାବ୍ୟସ୍ତ କର୍ମଚାରୀଙ୍କ ସମ୍ପର୍କରେ

3774 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷ ମଧ୍ୟରେ କେଉଁ କେଉଁ କର୍ମଚାରୀ ମାନଙ୍କ ବିରୁଦ୍ଧରେ ମାନ୍ୟବର ଅଦାଲତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଓ ସେପରି ଦଣ୍ଡାଦେଶ ପାଇଥିବା କର୍ମଚାରୀ ମାନଙ୍କ ମଧ୍ୟରୁ କେଉଁ କେଉଁ କର୍ମଚାରୀ ଜେଲ ଦଣ୍ଡାଦେଶ ସତ୍ତ୍ୱେ ଚାକିର ବାହାଲ ଅଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି, ନ୍ୟାୟାଳୟରୁ ଦୋଷୀ ସାବ୍ୟସ୍ତ ହେବା ପରେ ସେଭଳି କେଉଁ କେଉଁ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଅଛି ଓ କେଉଁ କେଉଁ କର୍ମଚାରୀଙ୍କୁ ନିଲମ୍ବନ ନକରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ସ୍ୱୟଂ ସହାୟକ ଗୋଷ୍ଠୀର ଦ୍ରବ୍ୟ ଯୋଗାଣ

3775 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମିଶନ ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ କେଉଁ ବିଭାଗରେ କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କେତେ ମୂଲ୍ୟର ଦ୍ରବ୍ୟ ଓ ସେବା ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ଏବଂ କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା କେତେ ମୂଲ୍ୟର କି କି ସାମଗ୍ରୀ ବିକ୍ରୟ କରାଯାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଉପରୋକ୍ତ ବ୍ୟବସ୍ଥା ଆଧାରରେ କେଉଁ ଜିଲ୍ଲାର କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର କେତେ ସଂଖ୍ୟକ ମହିଳା ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି ତଥା ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରିଛନ୍ତି ତାହା ଜଣାଇବେ କି ?

----